## ଅଲ୍ଲାଃ ତାଲାଙ୍କ ବାଣୀ

وَاٰتُوا النِّسَآءَ صَدُقٰتِهِنَّ نِحۡلَةً ؕ فَاِنۡ طِبۡنَ لَکُمۡ عَنۡ شَیۡءٍ مِّنۡهُ نَفۡسًا فَکُلُوۡهُ هَنِیۡٓـئًا مَّرِیۡٓـئًا ○

(النساء:5)

ଅନୁବାଦ-ଏବଂ ଆନନ୍ଦର ସହିତ ସ୍ତ୍ରୀମାନଙ୍କୁ ସେମାନଙ୍କ ମହେର ପ୍ରଦାନ କର; ତା'ପରେ ଯଦି ସେମାନେ ତୁମମାନଙ୍କୁ ସେଥିରୁ କୌଣସି ଅଂଶ ସ୍ୱେଚ୍ଛାରେ ଛାଡ଼ି ଦିଅନ୍ତି ତେବେ ତାହାକୁ ତୁମେମାନେ ରୁଚିକର ଓ ପରିଣାମ ଦୃଷ୍ଟିରୁ ଉତମ ମନେ କରି ଭୋଗ କର ।

*(ଆଲେ ଇମରାନ୍: ୩୫*


بِسۡمِ اللّٰهِ الرَّحۡمٰنِ الرَّحِیۡمِ    نَحۡمَدُهٗ وَنُصَلِّیۡ عَلٰی رَسُوۡلِهِ الۡکَرِیۡمِ    وَعَلٰی عَبۡدِهِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰهُ بِبَدۡرٍ وَّاَنۡتُمۡ اَذِلَّةٌ

ଖଣ୍ଡ 5

ସଂଖ୍ୟା 23

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

04 ଜୁନ୍ 2020    04 ଏହ୍‌ସାନ 1399 ହି.ଶ    11 ଶଓ୍ୱାଲ୍ 1441 ହି.କ


## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ଫଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

---

**ଅତଏବ୍ ମୁଁ ଦେଖୁଛି ଯେ ଲୋକମାନେ ନମାଜ ପାଠ କରିବାରେ ଅନିୟମିତତା ଓ ଅବହେଳା ଏଥିଯୋଗୁଁ କରୁଛନ୍ତି ଯେ ସେମାନଙ୍କୁ ସେହି ମଜା ଓ ଆନନ୍ଦ ବିଷୟରେ ସୂଚନା ନାହିଁ ଯାହା ଅଲ୍ଲାଃ ତାଲା ନମାଜ ମଧ୍ୟରେ ରଖିଛନ୍ତି ।**

**ଖୁଦାତାଲାଙ୍କଠାରୁ ଅତ୍ୟନ୍ତ ବେଦନାର ସହିତ ଓ ଉତ୍ସାହିତ ହୋଇ ଦୁଆ (ପ୍ରାର୍ଥନା) କରିବା ଉଚିତ ଯେ ଯେଉଁଭଳି ଫଳମୂଳ ଓ ଅନ୍ୟାନ୍ୟ ବସ୍ତୁରେ କିସମ କିସମର ସ୍ୱାଦ ପ୍ରଦାନ କରିଛି, ନମାଜ ଓ ଉପାସନାରେ ମଧ୍ୟ ଥରେ ମଜା ଚଖାଇ ଦେଉ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଅବୁଦିୟତ (ଦାସତ୍ୱ) ଏବଂ ରବୁବିୟତ୍ (ଈଶ୍ୱରତ୍ୱ)ର ସମ୍ପର୍କର ବାସ୍ତବିକତା

ମତେ ଭିଷଣ ବ୍ୟତିବ୍ୟସ୍ତ ଲାଗିଥାଏ ଓ ବେଳେବେଳେ ଏ ଦୁଃଖ ମୋ ଜୀବନକୁ ଅସ୍ତବ୍ୟସ୍ତ କରିପକାଏ ଯେ ଯଦି କାହାକୁ ଗୋଟିଏ ଦିନ ରୁଟି ଖାଇବାର ଆନନ୍ଦ ନ ମିଳେ ତେବେ ସେ ଡ଼ାକ୍ତରଙ୍କ ନିକଟକୁ ଯାଇଥାଏ ଓ ନିବେଦନ କରିଥାଏ, ଖୋସାମତ କରିଥାଏ, ଟଙ୍କା ଖର୍ଚ୍ଚ କରିଥାଏ, ସେହି ମଜାକୁ ପାଇବା ପାଇଁ ଦୁଃଖ ଉଠାଇଥାଏ । ସେହି ଅସଫଳ ବ୍ୟକ୍ତି ଯିଏ ନିଜ ସ୍ତ୍ରୀଠାରୁ ସୁଖ ପାଇ ପାରିନଥାଏ । ସେ ବେଳେବେଳେ ବ୍ୟସ୍ତ ବିବ୍ରତ ହୋଇ ଆତ୍ମହତ୍ୟା କରିବାକୁ ବାହାରି ପଡ଼ିଥାଏ, ଅଧିକାଂଶ ମୃତ୍ୟୁ ଏହି ପ୍ରକାର ହେଉଛି । କିନ୍ତୁ ଆହା ! ସେହି ହୃଦୟ ରୋଗୀ (ଅର୍ଥାତ ଯାହାର ମନ ରୋଗାକ୍ରାନ୍ତ) ସେହି ଅସଫଳ ବ୍ୟକ୍ତି କାହିଁକି ଚେଷ୍ଟା କରୁନାହିଁ ଯାହାକୁ ଉପାସନା କରିବାରେ ଆନନ୍ଦ ମିଳୁନାହିଁ ? ତା ଜୀବନ କାହିଁକି ଦୁଃଖରେ ଭାଙ୍ଗି ପଡୁନାହିଁ ? ସଂସାରରେ ଭୋଗ ବିଳାସ ପାଇଁ ସେ କେତେ କଣ ନ କରୁଛି କିନ୍ତୁ ନିରନ୍ତର ଓ ବାସ୍ତବିକ ସୁଖ ପାଇଁ ସେ ସେମିତି ତୃଷ୍ଣା ଓ ବ୍ୟଗ୍ରତା ଦେଖାଉନାହିଁ । କେତେ ଅଭଗା ! କେତେ ବଂଚିତ ! ଅସ୍ଥାୟୀ ଓ ନଶ୍ୱର ସୁଖ ନିମନ୍ତେ ଉପଚାର ଖୋଜୁଛି ଓ ତାକୁ ପାଇଯାଉଛି । କଣ ସ୍ଥାୟୀ ଓ ନିରନ୍ତର ସୁଖ ପାଇବା ନିମନ୍ତେ କୌଣସି ଉପଚାର ନଥିବ ? ଅଛି ଓ ନିଶ୍ଚିତ ଅଛି କିନ୍ତୁ ସତ୍ୟର ସନ୍ଧାନ ପାଇଁ ଦୃଢ଼ ସଂକଳ୍ପର ଆବଶ୍ୟକତା ରହିଛି । ପବିତ୍ର କୋରାନ୍‌ର ଗୋଟିଏ ସ୍ଥାନରେ ଅଲ୍ଲାଃ ତାଲା ପୂଣ୍ୟବନ୍ତ ଲୋକମାନଙ୍କର ଉଦାହରଣ ମହିଳାମାନଙ୍କ ସହିତ ଦେଉଛନ୍ତି । ଏଥିରେ ମଧ୍ୟ ଭେଦ ଓ ରହସ୍ୟ ଅଛି । ବିଶ୍ୱାସକାରୀମାନଙ୍କୁ ମରିୟମ୍ ଓ ଆସିୟାଙ୍କ ସହିତ ଉଦାହରଣ ଦିଆଯାଇଛି ଅର୍ଥାତ ଖୁଦାତାଲା ମୁସ୍‌ରିକ୍ ମାନଙ୍କଠାରୁ ମୋମିନ୍‌ମାନଙ୍କୁ ସୃଷ୍ଟି କରିଥାଏ । ସେ ଯାହା ହେଉ ନା କାହିଁକି ମହିଳାମାନଙ୍କ ସହିତ ଉଦାହରଣ ଦେବାରେ ବାସ୍ତବିକ ଏକ ସୁନ୍ଦର ରହସ୍ୟ ରହିଛି ଅର୍ଥାତ ଯେଉଁଭଳି ମହିଳା ଓ ପୁରୁଷର ମିଳନ ହୋଇଥାଏ ସେହିଭଳି ଭକ୍ତ ଓ ପାଳନକର୍ତାଙ୍କ ମଧ୍ୟରେ ସମ୍ପର୍କ ରହିଥାଏ । ଯଦି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଆପୋଷ ବୁଝାମଣା ଥାଏ ଓ ଜଣେ ଅନ୍ୟଜଣକୁ ଭଲପାଉଥାଏ ତେବେ ସେହି ଦମ୍ପତି ଏକ ପବିତ୍ର ଓ ହିତକାରୀ ଦମ୍ପତି ହୋଇଥାନ୍ତି । ଅନ୍ୟଥା ଘର ପରିବାର ନଷ୍ଟ ହୋଇଥାଏ ଓ ଉଦ୍ଦେଶ୍ୟ ହାସଲ ହୁଏ ନାହିଁ । ପୁରୁଷ ଅନ୍ୟସ୍ଥାନରେ ଖରାପ ହୋଇ କିସମ କିସମର ରୋଗ ନେଇ ଆସିଥାଏ । ଏ ଦୁନିଆରେ ହିଁ ବଂଚିତ ହୋଇଯାଇଥାନ୍ତି ଏବଂ ଯଦି ସନ୍ତାନ ହୋଇ ମଧ୍ୟ ଯାଏ ତେବେ କେତେ ପିଢ଼ି ପର୍ଯ୍ୟନ୍ତ ଏହି ଧାରା ଅନବରତ ଲାଗିରହିଥାଏ ଓ ସେପଟେ ସ୍ତ୍ରୀ ନିର୍ଲଜ୍ଜ କାର୍ଯ୍ୟ କରିଚାଲିଥାଏ ଓ ମାନ ସମ୍ମାନକୁ ହାନି କରି ମଧ୍ୟ ପ୍ରକୃତ ଆନନ୍ଦ ପ୍ରାପ୍ତ କରିପାରେ ନାହିଁ । ଅତଏବ ଏହି ଦାମ୍ପତ୍ୟ ଜୀବନରୁ ଅଲଗା ହୋଇ କେତେ ନିଷ୍ଫଳତା ଓ ବିଭ୍ରାଟ ସୃଷ୍ଟି ହୋଇଥାଏ । ସେହିପରି ମନୁଷ୍ୟ ଆଧାତ୍ମିକ ଦାମ୍ପତ୍ୟରୁ ଅଲଗା ହୋଇ ପ୍ରତାଡ଼ିତ ଓ ପରିତ୍ୟକ୍ତ ହୋଇ ସାଂସାରିକ ଦାମ୍ପତ୍ୟରୁ ଅଧିକା ଦୁଃଖ ଓ କଷ୍ଟର ଲକ୍ଷ୍ୟସ୍ଥଳ ହୋଇଥାଏ । ଯେପିର ସ୍ୱାମୀ ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନରେ ଉନ୍ନତିର ଏକ ମାଧୁର୍ଯ୍ୟ ରହିଛି ସେହିପରି ଭକ୍ତ ଓ ଈଶ୍ୱରଙ୍କର ଜୋଡ଼ାରେ ନିରନ୍ତର ଉନ୍ନତି ପାଇଁ ଏକ ରସ ରହିଛି । ସୁଫିମାନେ କୁହନ୍ତି ଯାହା ସୌଭାଗ୍ୟରେ ଏ ରସ ମିଳିଯାଏ ସେ ଏହି ସଂସାରର ସମସ୍ତ ରସଠାରୁ ତାକୁ ଅଗ୍ରାଧିକାର ଦେଇଥାଏ । ଯଦି ଜୀବନକାଳ ମଧ୍ୟରେ ଥରେ ମାତ୍ର ତାକୁ ଏ ବିଷୟରେ ଜ୍ଞାତ ହୋଇଯାଏ ତେବେ ସେ ଏଥିରେ ଲୀନ ହୋଇଥାଏ । କିନ୍ତୁ ଦୁଃଖର ବିଷୟ ଏହା କି ଦୁନିଆର ଏକ ବଡ଼ ସଂଖ୍ୟା ଏପରି ଲୋକଙ୍କର ରହିଛି ଯେଉଁମାନେ ଏହି ରହସ୍ୟକୁ ବୁଝିନାହାନ୍ତି । ତେଣୁ ସେମାନଙ୍କର ନମାଜ କେବଳ ମୁଣ୍ଡ ବାଡ଼େଇବା ଓ ଉପରଠାଉରିଆ ମନରେ ଏକ ପ୍ରକାରର ସଂକିର୍ଣ୍ଣତା ରଖି କେବଳ ବସିବା ଓ ଉଠିବା ହୋଇଥାଏ । ମତେ ଆହୁରି ମଧ୍ୟ ଦୁଃଖ ଲାଗୁଛି କି ଯେତେବେଳେ ମୁଁ ଏହା ଦେଖୁଛି ଯେ କେତେକ ଲୋକେ କେବଳ ଏଥିପାଇଁ ନମାଜ ପଢୁଛନ୍ତି କି ସେମାନେ ଏ ଦୁନିଆରେ ସମ୍ମାନୀୟ ଓ ବିଶ୍ୱାସର ପାତ୍ର ରୂପେ ବିବେଚିତ ହେବେ ଏବଂ ତାଙ୍କୁ ଏହି ନମାଜ ଦ୍ୱାରା ପୁଣି ତାହା ହାସଲ ହୋଇଯାଉଛି ଅର୍ଥାତ ସେମାନେ ନମାଜି ଓ ସଦାଚାରୀ ବୋଲାଉଛନ୍ତି । ପୁଣି ସେମାନଙ୍କୁ କାହିଁକି ଏ ଦୁଃଖ ଖାଉନାହିଁ ଯେ ଯେବେ ସେମାନେ ମିଛ ଓ ଉଦାସ ମନରେ ପାଠ କରିଥିବା ନମାଜ ଦ୍ୱାରା ସେମାନଙ୍କୁ ଏଭଳି ମର୍ଯ୍ୟଦା ହାସଲ ହୋଇପାରୁଛି ତେବେ କାହିଁକି ଜଣେ ସଚ୍ଚା ଉପାସନାକାରୀ ହେବା ଯୋଗୁଁ ସେମାନଙ୍କୁ ସମ୍ମାନ ନ ମିଳିବ ଏବଂ କି ପ୍ରକାର ସମ୍ମାନ ମିଳିବ ।

### ନମାଜରେ ମଜା ନ ଲାଗିବାର କାରଣ ଓ ତାହାର ଉପଚାର

ଅତଏବ୍ ମୁଁ ଦେଖୁଛି ଯେ ଲୋକମାନେ ନମାଜ ପାଠ କରିବାରେ ଅନିୟମିତତା ଓ ଅବହେଳା ଏଥିଯୋଗୁଁ କରୁଛନ୍ତି ଯେ ସେମାନଙ୍କୁ ସେହି ମଜା ଓ ଆନନ୍ଦ ବିଷୟରେ ସୂଚନା ନାହିଁ ଯାହା ଅଲ୍ଲାଃ ତାଲା ନମାଜ ମଧ୍ୟରେ ରଖିଛନ୍ତି । ଏହା ହେଉଛି ତା'ର ବଡ଼ କାରଣ । ପୁଣି ସହର ଓ ଗାଁ ଗହଳିରେ ଆହୁରି ମଧ୍ୟ ଆଳସ୍ୟତା ଓ ଅବହେଳା ହୋଇଯାଇଥାଏ । ତେଣୁ ପଚାଶ ଭାଗରୁ ଭାଗେ ମଧ୍ୟ ସମ୍ପୁର୍ଣ୍ଣ ତତ୍ପରତା ଓ ସଚ୍ଚା ପ୍ରେମରେ ନିଜର ବାସ୍ତବିକ ବନ୍ଧୁ (ଅର୍ଥାତ ଅଲ୍ଲାଃ ତାଲା) ସମ୍ମୁଖରେ ମୁଣ୍ଡ ନିଆଁଉ ନାହିଁ । ପୁଣି ପ୍ରଶ୍ନ ଉଠୁଛି ଯେ କାହିଁକି ସେମାନେ ଏହି ମଜା ବିଷୟରେ ଅବଗତ ନାହାନ୍ତି ଓ ନା କେବେ ସେମାନେ ଏହି ମଜାକୁ ଚାଖିଲେ । ଅନ୍ୟ ଧର୍ମଗୁଡ଼ିକରେ ଏପରି ନିର୍ଦ୍ଦେଶାବଳୀ ନାହିଁ । ବେଳେବେଳେ ଏପରି ହୋଇଥାଏ କି ଆମେ ନିଜ କାମରେ ବ୍ୟସ୍ତ ଥାଉ ଓ ମୋଅଜ୍ଜିନ୍ ଅଜାନ ଦେଇଥାଏ, ପୁଣି ତାକୁ ଶୁଣିବାକୁ ମଧ୍ୟ ଚାହିଁନଥାନ୍ତି, ଯେମିତି ସେମାନଙ୍କ ମନ ଭାରାକ୍ରାନ୍ତ ହୋଇଯାଏ ଏହିପରି ଲୋକମାନେ ବହୁତ ଦୟାର ପାତ୍ର ଅଟନ୍ତି । ଏମିତି କେତେକ ଲୋକେ ଏଠାରେ ମଧ୍ୟ ଅଛନ୍ତି, ଯେଉଁମାନଙ୍କ ଦୋକାନ ମସ୍‌ଜିଦ୍ ତଳେ ଥିବାର ଦେଖିବାକୁ ପାଇବେ କିନ୍ତୁ କେବେ ଯାଇ ଛିଡ଼ା ମଧ୍ୟ ହେଉନାହାନ୍ତି । ଅତଏବ୍ ମୁଁ ଏକଥା କହିବାକୁ ଚାହୁଁଛି ଯେ ଖୁଦାତାଲାଙ୍କଠାରୁ ଅତ୍ୟନ୍ତ ବେଦନାର ସହିତ ଓ ଉତ୍ସାହିତ ହୋଇ ଦୁଆ (ପ୍ରାର୍ଥନା) କରିବା ଉଚିତ ଯେ ଯେଉଁଭଳି ଫଳମୂଳ ଓ ଅନ୍ୟାନ୍ୟ ବସ୍ତୁରେ କିସମ କିସମର ସ୍ୱାଦ ପ୍ରଦାନ କରିଛି, ନମାଜ ଓ ଉପାସନାରେ ମଧ୍ୟ ଥରେ ମଜା ଚଖାଇ ଦେଉ । ଖାଇଥିବା ଜିନିଷ ମନେ ରହେ । ଦେଖନ୍ତୁ ଯଦି କୌଣସି ବ୍ୟକ୍ତି କୌଣସି ସୁନ୍ଦର ଜିନିଷକୁ ମଜା ଦେଇ ଆନନ୍ଦରେ ଦେଖେ ତେବେ ତାକୁ ବହୁତ ମନେ ରହିଥାଏ ଯଦି ସେ କୌଣସି କୁରୂପ ଓ ଘୃଣିତ

**ନିଜର ସମସ୍ତ ସାମର୍ଥ୍ୟକୁ ବିନିଯୋଗ କରି ଶିକ୍ଷା କ୍ଷେତ୍ରରେ ଏପରି କିର୍ତୀମାନ ସ୍ଥାପନ କର ଯେ ମୁସଲମାନମାନଙ୍କୁ ସେମାନଙ୍କର ହଜିଯାଇଥିବା ପ୍ରତିଷ୍ଠା ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ଦାସ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ପୁନଃ ପ୍ରାପ୍ତ ହେଉ ।**

---

**ମୋର ପ୍ରାର୍ଥନା ଯେ ଆପଣମାନଙ୍କୁ ଅଲ୍ଲାଃ ତାଲା ଜ୍ଞାନ ଓ ବୁଦ୍ଧିମତାରେ ଉନ୍ନତି ପ୍ରଦାନ କରନ୍ତୁ । ଆପଣମାନଙ୍କୁ ବୁଦ୍ଧିକୁ ଆଲୋକିତ କରନ୍ତୁ ଏବଂ ଆପଣମାନଙ୍କୁ ଜନହିତକାରୀ ବନାନ୍ତୁ ।**

---

## ନିଜାରତ ତାଲିମ୍ କାଦିଆନ୍ ଅନ୍ତର୍ଗତ ଅନୁଷ୍ଠିତ ହୋଇଥିବା ଅହେମଦୀୟା ମୁସ୍‌ଲିମ୍ ରିସର୍ଚ୍ଚ ସ୍କଲାର୍ସ କନ୍‌ଫରେନ୍‌ସ ଉପଲକ୍ଷେ ହଜୁର ଅନୱ୍ୱରଙ୍କ ବିଶେଷ ବାର୍ତା

ପି.ଏଚ୍.ଡ଼ି ୱାର୍କଶପ୍ କାଦିୟାନ୍‌ରେ ସାମିଲ ହୋଇଥିବା ପ୍ରୀୟ ସଦସ୍ୟଗଣ

**ଅସ୍‌ସଲାମୋ ଆଲୈକୁମ୍ ରହ୍‌ମତୁଲ୍ଲାହି ୱ ବରକାତୁ ହୁ**

ମୁଁ ଏହା ଜାଣି ବହୁତ ଖୁସି ହେଲି ଯେ କାଦିୟାନ୍‌ରେ ଗୋଟିଏ ୱାର୍କଶପ୍ ଅନୁଷ୍ଠିତ ହେଉଅଛି । ସେଥିରେ ଯୋଗଦେଇଥିବା ସଦସ୍ୟଗଣ ପି.ଏଚ୍.ଡ଼ି କରିସାରିଛନ୍ତି ବା କରୁଛନ୍ତି । ଅଲ୍ଲାଃ ତାଲା ପ୍ରତିକ୍ଷେତ୍ରରୁ ଏହାକୁ ବାବର୍‌କତ୍ କରନ୍ତୁ ଓ ଏହାର ପୂଣ୍ୟଫଳ ପ୍ରଦାନ କରନ୍ତୁ । ଆମିନ୍ ।

ଏହି ଅବସରରେ ମୋ ନିକଟରୁ ବାର୍ତା ପାଇବା ପାଇଁ ଅନୁରୋଧ କରାଯାଉଅଛି । ମୋର ପ୍ରାର୍ଥନା ଯେ ଅଲ୍ଲାଃ ତାଲା ଆପଣମାନଙ୍କୁ ଜ୍ଞାନ ଓ ବୁଦ୍ଧିରେ ଉନ୍ନତି ପ୍ରଦାନ କରନ୍ତୁ । ଆପଣମାନଙ୍କୁ ବୁଦ୍ଧିକୁ ଆଲୋକିତ କରନ୍ତୁ ଓ ଆପଣମାନଙ୍କୁ ଜନହିତକାରୀ ବନାନ୍ତୁ । ଆମିନ୍ ।

ଅଲ୍ଲାଃ ତାଲାଙ୍କର ଏହା ବହୁତ ବଡ଼ ଅନୁକମ୍ପା ଯେ ଆପଣମାନଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିବାର ସୌଭାଗ୍ୟ ମିଳିଛି ଯାହାଙ୍କୁ ଅଲ୍ଲାଃ ତାଲା ସିଲ୍‌ସିଲାର ଉନ୍ନତି ଏବଂ ଅନୁଯାୟୀମାନଙ୍କ ଜ୍ଞାନ ଓ ବୁଦ୍ଧିରେ ପୂର୍ଣ୍ଣତା ହାସଲ କରିବାର ମହାନ ସୁସମାଚାର ପ୍ରଦାନ କରିଛନ୍ତି । ସୁତରାଂ ଆପଣ ଆ:ସ କହୁଛନ୍ତି:

‘‘ଖୁଦାତାଲା ମତେ ବାରମ୍ୱାର ଖବର ଦେଇଛନ୍ତି ସେ ମତେ ବହୁତ ସମ୍ମାନ ଦେବ ଓ ମୋ ପ୍ରେମକୁ ହୃଦୟରେ ବିସ୍ଥାପନ କରିବ ଓ ମୋ ସିଲ୍‌ସିଲାକୁ ସମଗ୍ର ପୃଥିବୀରେ ପ୍ରସାର କରିବ । ଏବଂ ସମଗ୍ର ଫିର୍କା (ସମ୍ପ୍ରଦାୟ)ଗୁଡ଼ିକ ଉପରେ ମୋ ଫିର୍କାକୁ ବିଜୟ ପ୍ରଦାନ କରିବ ଏବଂ ମୋ ଫିର୍କାର ଲୋକମାନେ ଜ୍ଞାନ ଓ ବୁଦ୍ଧିରେ ଏତେ ମାତ୍ରାରେ ପୂର୍ଣ୍ଣତା ହାସଲ କରିବେ ଯେ ନିଜର ସତ୍ୟତାର ଜ୍ୟୋତି, ନିଜର ପ୍ରମାଣ ଓ ନିଦର୍ଶନ ଆଧାରରେ ସମସ୍ତଙ୍କର ମୁହଁ ବନ୍ଦ କରିଦେବେ ।’’

*(ତଜ୍ଜଲ୍ଲିୟାତେ ଇଲାହିୟା, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃ-୪୦୯)*

ପ୍ରତ୍ୟେକ ଅହେମଦୀର ଏ ଦାୟିତ୍ୱ ଯେ ସେ ଜ୍ଞାନ ଓ ବୁଦ୍ଧିରେ ସିଦ୍ଧି ହାସଲ କରିବାପାଇଁ ଯଥାସମ୍ଭବ ଚେଷ୍ଟା କରୁ ଯଦ୍ୱାରା ସେ ଏହି ଆକାଶୀୟ ସୁସମାଚାର ଅନୁରୂପ ହୋଇପାରିବ । ଅବଶ୍ୟ ଆପଣମାନେ ଉଚ୍ଚ ଶିକ୍ଷାରେ ସୁସଜ୍ଜିତ ବା ଉଚ୍ଚ ଶିକ୍ଷା ହାସଲ କରୁଛନ୍ତି କିନ୍ତୁ ମନେରଖ ଯେ ଜ୍ଞାନର କୌଣସି ଶେଷ ସୀମା ନାହିଁ ଓ ଉନ୍ନତିର ଯାତ୍ରା କେବେ ଶେଷ ହୁଏନାହିଁ । ମଣିଷ ସାରା ଜୀବନ ଜ୍ଞାନ ଆହାରଣ କରିଥାଏ । ଆପଣମାନେ ମଧ୍ୟ ନିଜର ଜ୍ଞାନକୁ ଅନବରତ ବଢ଼ାଇ ଚାଲନ୍ତୁ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏକଦା କହିଥିଲେ ଯେ ରେଳଗାଡ଼ି ବା ଜାହାଜରେ ବସିବା ସମୟରେ ମୋ ମନରେ ଏକଥା ଉଙ୍କି ମାରୁଛି ଯେ କାଳେ ଏହା ଅହେମଦୀମାନଙ୍କ ଦ୍ୱାରା ନିର୍ମାଣ ହୋଇଥାନ୍ତା ସେମାନେ ଏହି କମ୍ପାନୀଗୁଡ଼ିକର ମାଲିକ ହୋଇଥାନ୍ତେ ।

*(ତାରିଖେ ଅହେମଦୀୟତ୍, ଖଣ୍ଡ-୧୭, ପୃ-୧୦୧)*

ଆପଣଙ୍କର (ଅର୍ଥାତ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କର) ସେହି ପୂଣ୍ୟ ଅଭିଳାଷାକୁ ମଧ୍ୟ ନିଜ ମନ ଭିତରେ ରଖନ୍ତୁ ଓ ନିଜର ସମସ୍ତ ସାମର୍ଥ୍ୟକୁ ବିନିଯୋଗ କରି ଶିକ୍ଷା କ୍ଷେତ୍ରରେ ଏପରି କିର୍ତୀମାନ ସ୍ଥାପନ କର ଯେ ମୁସଲ୍‌ମାନମାନଙ୍କୁ ସେମାନଙ୍କର ହଜିଯାଇଥିବା ପ୍ରତିଷ୍ଠା ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ଦାସ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅନୁଯାୟୀମାନଙ୍କ ଦ୍ୱାରା ପୁନଃ ମିଳିଯାଉ ।

ଅଲ୍ଲାଃ ତାଲା ଆପଣମାନଙ୍କୁ ଏହାର ସୌଭାଗ୍ୟ ପ୍ରଦାନ କରନ୍ତୁ । ପାଦେ ପାଦେ ଆପଣମାନଙ୍କୁ ସାହାଯ୍ୟ କରନ୍ତୁ ଏବଂ ଏପରି କାର୍ଯ୍ୟ କରିବାପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯାହା ମାନବଜାତି ପାଇଁ ହିତକାରୀ ହେଉଥିବ । ଅଲ୍ଲାଃ ଆପଣମାନଙ୍କ ସହିତ ରହନ୍ତୁ ଏବଂ ଆପଣମାନଙ୍କୁ ଅହେମଦୀୟତର ଆକାଶରେ ଜ୍ୟୋତିର୍ମୟ ତାରକା ବନାଉ । ଆମିନ୍

ୱସ୍‌ସଲାମ୍ ଖାକ୍‌ସାର୍

ମିର୍ଜା ମସ୍‌ରୁର୍ ଅହେମଦ୍ (ଦସ୍ତଖତ)

ଖଲିଫତୁଲ୍ ମସିହିଲ୍ ଖାମିସ୍ ।

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ଚେହେରାକୁ ଦେଖେ ଓ ତେବେ ତା’ର ସମସ୍ତ ଅବସ୍ଥା ତା ଅନୁରୂପ ସାକାର ହୋଇ ତା ସମ୍ମୁଖକୁ ଆସିଯାଏ । ହଁ ଯଦି କିଛି ସମ୍ପର୍କ ନଥାଏ ତେବେ କିଛି ମନେ ରହେ ନାହିଁ । ସେହିପରି ନମାଜ ନ ପଢୁଥିବା ଲୋକମାନଙ୍କ ନିକଟରେ ନମାଜ ହେଉଛି ଏକ ଜୋରିମାନା (ଅର୍ଥଦଣ୍ଡ) । ଅର୍ଥାତ ଅକାରଣରେ ସକାଳୁ ଉଠି ଥଣ୍ଡାରେ ୱଜୁ କରି ନିଦ୍ରା ସୁଖକୁ ପରିତ୍ୟାଗ କରି ଓ ଅନେକ ପ୍ରକାରର ଭୋଗ ବିଳାସକୁ ଛାଡ଼ି ପଢ଼ିବାକୁ ପଡ଼ିଥାଏ । ଅସଲ କଥା ହେଉଛି ଏହା କି ସେ ଏଥିପ୍ରତି ବିମୁଖ ଓ ସେ ତାକୁ ବୁଝିପାରୁନାହିଁ । ନମାଜରେ ଯେଉଁ ମଜା ଓ ଆନନ୍ଦ ରହିଛି ସେ ବିଷୟରେ ସେ ଜାଣିନାହିଁ, ତେବେ ପୁଣି ନମାଜରେ ତାକୁ ମଜା କୋଉଠି ମିଳିବ । ମୁଁ ଦେଖିଛି ଯେ ଜଣେ ମଦ୍ୟପ ଓ ନିଶାଖୋର ମଣିଷକୁ ଯେତେବେଳେ ମଜା ଆସୁନାହିଁ, ସେ ଗୋଟାକ ପରେ ଗୋଟାଏ ପାତ୍ର ପିଇଯାଉଛି, ଏପରିକି ତାକୁ ଏକ ପ୍ରକାରର ନିଶା ଆସିଯାଉଛି । ବୁଦ୍ଧିମାନ ଓ ପ୍ରତିଷ୍ଠିତ ମଣିଷ ଏଥିରୁ ଲାଭ ଉଠାଇପାରେ ଓ ତାହା ହେଉଛି ଏହା କି ନମାଜ ନିୟମିତ ପାଠ କରୁ ଓ ପାଠ କରିଚାଲୁ ଏପରିକି ତାକୁ ମଜା ଆସିଯାଉ । ଯେମିତି ମଦ୍ୟପର ମନ ଭିତରେ ଗୋଟିଏ ମଜା ଲାଗିଥାଏ । ଯାହାକୁ ହାସଲକୁ କାଟିଦେବ କରିବା ତାର ଚରମ ଉଦ୍ଦେଶ୍ୟ ହୋଇଥାଏ । ସେହିପରି ମନ ଭିତରେ ଏବଂ ସମସ୍ତ ଶକ୍ତିର ରୁଚି ନମାଜରେ ସେହି ମଜାକୁ ହାସଲ କରିବା ଉଦ୍ଦେଶ୍ୟ ହେଉ ଏବଂ ପୁଣି ଏକ ପ୍ରକାରର ନିଷ୍ଠା ଓ ଉତ୍ସାହର ସହିତ ଅତି କମ୍‌ରେ ସେହି ନିଶାଖୋର ଲୋକର ବ୍ୟତିବ୍ୟସ୍ତତା ଓ ବେଦନା ସଦୃଶ ଏକ ଦୁଆ ସୃଷ୍ଟି ହେଉ ଯେ ସେହି ଆନନ୍ଦ ମିଳିଯାଉ । ଅତଏବ୍ ମୁଁ କହୁଅଛି ଓ ସତ୍ୟ କହୁଅଛି ଯେ ନିଶ୍ଚିତରୂପେ ସେହି ଆନନ୍ଦ ହାସଲ ହୋଇଯିବ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୪୦-୧୪୩ ପ୍ରକାଶନ୨୦୧୮ କାଦିୟାନ)*

## ଜରୁରୀ ଘୋଷଣା

### ହଜୁର ଅନୱ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଯୋଡ଼ି ହୋଇ ଭକ୍ତ ଓ ଖୁଦାଙ୍କ ମଧ୍ୟରେ ବାସ୍ତବିକ ସମ୍ପର୍କ ସୃଷ୍ଟି କରିବାର ଶୈଳୀ ଆମକୁ ମିଳିପାରେ ଓ ମିଳୁଅଛି ଏବଂ ଖୁଦାତାଲାଙ୍କ ଜୀବିତ ହେବାର ପୂର୍ଣ୍ଣ ବିଶ୍ୱାସ ଓ ତାହାଙ୍କ ଇଚ୍ଛାରେ ପରିଚାଳିତ ହେବାର ଉଚ୍ଚତମ ସ୍ତର ହାସଲ ହୋଇଥାଏ ।

ଯଦି ସର୍ବଦା କିଛି ମାଗିବାର ଅଛି ତେବେ ଖୁଦାତାଲାଙ୍କଠାରୁ ମାଗ ଓ କେବେ କଦାପି କାହାଠାରୁ ମାଗ ନାହିଁ । ଏହା ଅତ୍ୟନ୍ତ ଜରୁରୀ ବିଶେଷତା ଯାହାକୁ ପ୍ରତ୍ୟେକ ୱାକିଫେ ଜିନ୍ଦେଗୀ ଆପଣାଇବା ପାଇଁ ଚେଷ୍ଟା କରିବା ଉଚିତ ।

ଆମର ପ୍ରତ୍ୟେକ ଡ଼ାକ୍ତର ଓ ପ୍ରତ୍ୟେକ ଚିକିତ୍ସକଙ୍କୁ କେବଳ ନିଜ ପେଶାର ମହାରତ୍ ଉପରେ ଭରଷା ନ ହେଉ, କେବଳ ଔଷଧ ଉପରେ ବିଶ୍ୱାସ ନ ହେଉ ବରଂ ଯେଉଁଠି ଚିକିତ୍ସା କରିବା ସମୟରେ ରୋଗୀଙ୍କ ସହିତ ଉତ୍ତମ ବ୍ୟବହାର କରାଯାଉ ସେଠାରେ ତାଙ୍କ ପାଇଁ ନିଷ୍ଠିତରୂପେ ପ୍ରାର୍ଥନା କରନ୍ତୁ ଓ ଯଦି ନଫିଲ୍ ପଢ଼ିବେ ତେବେ ଏହା ବହୁତ ଭଲ ହେବ ।

ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାର ବୟତ୍‌ର ପ୍ରତିଶ୍ରୁତିକୁ ନିଜର ସାମର୍ଥ୍ୟ ଅନୁସାରେ ନିର୍ବାହକାରୀ, ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବୟତର ହକ୍‌କୁ ପ୍ରଦାନକାରୀ, ଖିଲାଫତ୍ ଅହମଦୀୟା ସହିତ ପୂର୍ଣ୍ଣ ଭକ୍ତି ଓ ନିଷ୍ପାପର ସମ୍ପର୍କ ରଖିବାବାଲା, ସୃଷ୍ଟଜଙ୍କ ଅଧିକାରକୁ ପ୍ରଦାନକାରୀ ଏବଂ ଇସ୍‌ଲାମ୍ ସୁନ୍ଦର ଶିକ୍ଷା ଉପରେ ପରିଚାଳିତ କରିବା ପାଇଁ ଅଲ୍ଲାଃ ତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଯେଉଁ ସଚ୍ଚା ଦାସକୁ ପ୍ରେରଣ କରିଛନ୍ତି, ତାହାଙ୍କ କାର୍ଯ୍ୟ ନମୁନାକୁ ନିଜ ଅସ୍ତିତ୍ୱ ଦ୍ୱାରା ପ୍ରମାଣ କରିବାବାଲା ତିନିଜଣ ମରହୁମିନ୍ (ମୃତକ)ଗଣ ଉଦାହରଣୀୟ ୱାକିଫେ ଜିନ୍ଦେଗୀ ମୁକ୍‌ରମ୍ ଜୁଲ୍‌ଫିକାର ଅହ୍‌ମଦ୍ ଡ଼ାମାନିକ୍ (Damanik) ସାହେବ୍ ରିଜିଓନାଲ୍ ମୁବଲ୍ଲିଗ୍ ସିଲ୍‌ସିଲା ଇଣ୍ଡୋନେସିୟା, ଦୁଆଗୁ (ପ୍ରାର୍ଥନାକାରୀ), ସହାନୁଭୂତିଶୀଳ ଓ ନିସ୍ୱାର୍ଥପର ଡ଼ାକ୍ତର ପୀର୍ ମୁହମ୍ମଦ ନକିଉଦ୍ଦିନ୍ ସାହେବ୍ ଇସ୍‌ଲାମାବାଦ ପାକିସ୍ତାନ ଏବଂ ଉତ୍ସର୍ଗୀକୃତ (ୱାକିଫେ ଜିନ୍ଦେଗୀ)ର ମନୋଭାବ ରଖିଥିବା ସେବାକାରୀ ମୋକରମ୍ ଗୁଲାମ୍ ମୁସ୍ତଫା ସାହେବ୍ ପ୍ରାଇଭେଟ୍ ସେକ୍ରେଟାରୀ କାର୍ଯ୍ୟାଳୟର ସ୍ୱେଚ୍ଛାସେବୀ କର୍ମୀଙ୍କ ଦେହାନ୍ତରେ ସେମାନଙ୍କର ସୁଗୁଣର ଚର୍ଚ୍ଚା ।

''ହଜ୍‌ରତ୍ ମସିହ୍ ମଉଦ୍ ଆ:ସ.................... କହିଥିଲେ ଏହି ଲୋକମାନେ ଶହୀଦ୍‌ମାନଙ୍କ ମଧ୍ୟରେ ସାମିଲ୍ ଅଟନ୍ତି ।''

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ**
**(ପ୍ରଦତ୍ତ: ୦୧ ମଇ ୨୦୨୦ ଅନୁଯାୟୀ ୦୧ ହିଜ୍‌ରତ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ବର୍ତ୍ତମାନ ମୁଁ କିଛି ମୃତକଙ୍କ ଚର୍ଚ୍ଚା କରିବାକୁ ଚାହୁଁଛି । ଯେଉଁମାନଙ୍କର ବିଗତ ଦିନରେ ଦେହାନ୍ତ ଘଟିଥିଲା । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବିଭିନ୍ନ ବୃତିରେ ନିୟୋଜିତ ଥିଲେ, ସେମାନେ ସମସ୍ତେ ବ୍ୟସ୍ତବହୁଳ ତଥା ଭିନ୍ନ ଶିକ୍ଷାଗତ ଯୋଗ୍ୟତା ରଖିବା ସତ୍ୱେ ଗୋଟିଏ କଥା ସେମାନଙ୍କର ସମାନ ଥିଲା, ତାହା ଏହିକି ଯେ, ସେ ସଭିଁଏ ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେବା ପ୍ରତିଜ୍ଞାକୁ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତର କର୍ତ୍ତବ୍ୟ ସମ୍ପାଦନକାରୀ, ଖିଲାଫତ୍‌ର ପୂର୍ଣ୍ଣ ବିସ୍ୱସ୍ତ ଓ ନିଷ୍ପାପର ସମ୍ପର୍କସ୍ଥାପନକାରୀ, ସୃଷ୍ଟିର କର୍ତ୍ତବ୍ୟ ସମ୍ପାଦନକାରୀ ଅର୍ଥାତ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ମୁତାବକ ଅମଲକାରୀ ବକ୍ତିତ୍ୱମାନ ଥିଲେ ଏବଂ ଏହା ପ୍ରମାଣ କରୁଥିଲେ ଯେ ଇସ୍‌ଲାମ୍‌ର ଯେଉଁ ସୁନ୍ଦର ଶିକ୍ଷା ପରିଚାଳିତ ହେବାପାଇଁ ଅଲ୍ଲାଃ ତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ଦାସଙ୍କୁ ପ୍ରେରଣ କରିଛନ୍ତି, ତାହାଙ୍କ କାର୍ଯ୍ୟ ନମୁନା ବାସ୍ତବରେ ସେମାନଙ୍କଠାରେ ମିଳୁଥିଲା ।

ଯେପରି କି ମୁଁ କହିଲି ସେ ସଭିଙ୍କ ମଧ୍ୟରେ ଗୋଟିଏ ଜିନିଷ ସମାନତା ରହିଥିଲା । ବାସ୍ତବରେ ତାହା ନୁହେଁ ବରଂ ସେମାନଙ୍କ ମଧ୍ୟରେ ଅନେକ ବିଶେଷତ୍ୱ ଏକାପରି ରହିଥିଲା । ସେମାନଙ୍କ ଘଟଣା ଶୁଣି ମନରେ ବିଶ୍ୱାସ ଉତ୍ପନ୍ନ ହୋଇଥାଏ କି, ଏହି ଯୁଗରେ ମଧ୍ୟ ଏମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହ ଯୋଡ଼ି ହେବା ଦ୍ୱାରା ହିଁ ସୃଷ୍ଟି ଓ ସ୍ରଷ୍ଟାର ସୁନ୍ଦରରୂପେ କର୍ତ୍ତବ୍ୟ ସମ୍ପାଦନ କରିବା ଓ ପ୍ରଭୁଙ୍କ ସହିତ ଜୀବିତ ସମ୍ପର୍କ ସ୍ଥାପନକାରୀ ତାଙ୍କ ଇଚ୍ଛାରେ ରାଜି ରହିବାର ସର୍ବୋଚ୍ଚସ୍ତର ହାସଲ ହୋଇଥାଏ ।

ଯେଉଁ ମୃତକଙ୍କ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରେ ଜଣେ ଆମ ଯମାତ୍‌ର ମୁବଲିଗ୍ ଶ୍ରୀମାନ୍ ଜୁଲ୍‌ଫୁକାର ଅହ୍‌ମଦ୍ ଡ଼ାମାଙ୍କ ସାହେବ୍ ଅଟନ୍ତି । ଯେ ଇଣ୍ଡୋନେସିଆ ନିବାସୀ ଥିଲେ, ଚଳିତ ଏପ୍ରିଲ୍ ମାସ ୨୧ ତାରିଖ ଦିନ ୪୨ ବର୍ଷ ବୟସରେ ସେ ଏହି ଇହଧାମ ତ୍ୟାଗ କଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍*

ସେ ୧୯୭୮ ମସିହ ମଇ ମାସ ୨୪ ତାରିଖରେ ନର୍ଥ ସୁମାତ୍ରାଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶହର୍‌ୱିଲ୍ ଡ଼ାମାଙ୍କ ଓ ଦଦାଙ୍କ ନାମ ଶହନ୍‌ୱିର ଡ଼ାମାଙ୍କ ଥିଲା । ମୃତକଙ୍କ ପରିବାରରେ ଅହେମଦୀୟତ ତାଙ୍କ ଦାଦାଙ୍କ ମାଧ୍ୟମରେ ଆସିଥିଲା, ଯେ ୧୯୪୪ ମସିହାରେ ମୌଲାନା ଜୈନି ଦହ୍‌ଲାନ୍ ସାହେବଙ୍କ ଦ୍ୱାରା ବୟତ କରିଥିଲେ । ମୃତକ ଯାମିୟା ଅହେମଦୀୟା ଇଣ୍ଡୋନେସିଆରେ ୧୯୯୭ ମସିହାରୁ ୨୦୦୩ ମସିହା ପର୍ଯ୍ୟନ୍ତ ଶିକ୍ଷା ହାସଲ କରିଥିଲେ । ସେତେବେଳେ ସେଠାରେ ଅର୍ଥାତ ଯାମିୟାରେ ଖୁବ୍ କମ୍ ପାଠ୍ୟକ୍ରମ ରହିଥିଲା । ତଥାପି ସେ ଦୀର୍ଘ ୧୮ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମୁବ୍‌ଲିଗ୍ ରୂପେ ମୁତୟନ ରହି ସେବା ସମ୍ପାଦନ କରିଥିଲେ । ସେ ନିଜ ପଛରେ ପତ୍ନୀଙ୍କ ବ୍ୟତିତ ଚାରଜଣ ସନ୍ତାନ ଯଥାକ୍ରମେ ଯାଜିବ୍, ଆଇଶା ଖୌଲା, ଖୈରା ଫାତ୍‌ମା ଓ ଖୈରା ନଶିର୍ ଯେ ମାତ୍ର ୮ ମାସର ଶିଶୁକନ୍ୟା ଅଟନ୍ତି, ଛାଡ଼ି ଯାଇଛନ୍ତି । ସଭିଁଏ ୱକ୍‌ଫେ ନୌର ସ୍କିମ୍‌ରେ ସାମିଲ ଅଛନ୍ତି ।

ସେଠାକାର ଆମ ମୁବ୍‌ଲିଗ୍ ମିରାଜ୍ ଦୀନ୍ ସାହେବ ବର୍ଣ୍ଣନା କରନ୍ତି । ଜୁଲ୍‌ଫକାର୍

ସାହେବ୍ ବେଶ୍ ସଫଳ ଓ ପରିଶ୍ରମି ମୁବଲିଗ୍ ଥିଲେ । ଯେଉଁ ସ୍ଥଳେ ତାଙ୍କୁ ମୁତୟନ କରାଯାଉଥିଲା ସେଠାକାର ବାସିନ୍ଦାଙ୍କ ସହ ସମ୍ପର୍କ ସ୍ଥାପନ କରିବା ଓ ପ୍ରଚାରକାର୍ଯ୍ୟକୁ ଅତି ସୁନ୍ଦରରୂପେ ସମ୍ପାଦନ କରୁଥିଲେ । ନିମିତ ପ୍ରତ୍ୟେକଙ୍କ ସହ ନମ୍ର ଆଚରଣ ପ୍ରଦର୍ଶନ କରିବା ସହିତ ସଭିଙ୍କ ସହ ମୈତ୍ରିକ ସମ୍ପର୍କ ରକ୍ଷା କରୁଥିଲେ ଏବଂ ଯେତେବେଳେ କାହା ସହ ସାକ୍ଷାତ କରୁଥିଲେ ସର୍ବଦା ହସ ହସ ମୁଖରେ ଭାବ ବିନିମୟ କରୁଥିଲେ । କଦାପି କୌଣସି ବସ୍ତୁର କାମନା, ଅଭିଳାଶା ତଥା ମୁହଁ ଖୋଲି ମାଗୁନଥିଲେ ବରଂ ସର୍ବଦା ଦୁଆ କରିବାକୁ ପ୍ରୋତ୍ସାହିତ କରୁଥିଲେ । ଏହା ସେହି ଗୁଣ ଯାହାକି ଜଣେ ୱାକିଫେ ଜିନ୍ଦେଗୀ (ଅର୍ଥାତ ଉତ୍ସର୍ଗ ବ୍ୟକ୍ତି)ର ବୈଶିଷ୍ଟ୍ୟ ଯାହାକି ପ୍ରତ୍ୟେକ ଉତ୍ସର୍ଗୀ ମଧ୍ୟରେ ବିଦ୍ୟମାନ ରହିବା ଉଚିତ କି ଯଦି କିଛି ମାଗିବାର ଅଛି ତେବେ ନିଜ ପ୍ରଭୁଙ୍କ ଭିକ୍ଷା କରିବା ଉଚିତ । ଏହା ଅତି ଜରୁରୀ ଓ ବିଶେଷ ଗୁଣ, ପ୍ରତ୍ୟେକ ଉତ୍ସର୍ଗୀ ଏହାକୁ ଆପଣାଇବାକୁ ଚେଷ୍ଟା କରିବା ଉଚିତ ।

ମୃତକ ଜଣଙ୍କ ପ୍ରଭୁଙ୍କ କୃପାରୁ ସେହି ମୁବ୍ଲିଗ୍ ମାନଙ୍କ ମଧ୍ୟରୁ ଜଣେ ଯାହାଙ୍କୁ ଅଧିକ ସଂଖ୍ୟାରେ ବୟତ କରାଇବାର ସୌଭାଗ୍ୟ ହାସଲ ହୋଇଛି ଏହି ଦୃଷ୍ଟିରୁ ତାଙ୍କୁ ଲଣ୍ଡନ ଜଲ୍ସାରେ ସାମିଲ ହେବାକୁ ଯମାତ୍‌ର ବ୍ୟବସ୍ଥା ଅର୍ନ୍ତଗତ ୨୦୧୮ ମସିହାରେ ଅବସର ପ୍ରାପ୍ତ ହୋଇଥିଲା । କର୍ମକ୍ଷେତ୍ରରେ ସେ ବେଶ୍ ଯୋଜାନବଦ୍ଧ ଭାବରେ ନିଜର କର୍ତବ୍ୟ ସମ୍ପାଦନ କରୁଥିଲେ ଯଦ୍ୱାରା ତାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳୁଥିଲା ।

ସେହିପରି ମୁରବୀ ଆସିଫ୍ ମଇନ୍ ସାହେବ୍ ଲେଖିଛନ୍ତି, ସେ ଅନେକ ସୁଗୁଣର ଅଧିକାରି ଥିଲେ ଅତି ଭଦ୍ର ନିଷ୍ପାପର ଓ ଆଜ୍ଞାକାରୀ ମଣିଷଟିଏ ଥିଲେ । କିଛିଦିନ ପୂର୍ବେ ରୋଗରେ ଆକ୍ରାନ୍ତ ହେଲେ । ବିମାର ପଡ଼ିଥିବା ଅବସ୍ଥାରେ ମଧ୍ୟ ସେ ଯମାତି କାର୍ଯ୍ୟକୁ ଅଗ୍ରାଧିକାର ଦେଉଥିଲେ । ଆସିଫ୍ ସାହେବ କୁହନ୍ତି ଦୀର୍ଘ ଦିନ ହେଲା । ଏହା ରିଆଓ ରାଜ୍ୟରେ ଯେବେ ସେ ମୁବ୍ଲିଗ୍ ରୂପେ ସେବା କାର୍ଯ୍ୟ ସମ୍ପାଦନ କରୁଥିଲେ ଏବଂ ମୁଁ ତାଙ୍କ ତତ୍ୱାବଧାନରେ ରହି ସେବା କରୁଥିଲି, ସେ ସମସ୍ତ କାର୍ଯ୍ୟ ଦୃଢ଼ ନେତୃତ୍ୱର ସହ ସମ୍ପାଦନ କରୁଥିଲେ । ପ୍ରଶାସନ ଓ ରାଜ୍ୟ ଓ ବିଭିନ୍ନ ସଂସ୍ଥା ସହ ମଜ୍‌ଭୁତ୍ ସମ୍ପର୍କ ସ୍ଥାପନ କରିନେଇଥିଲେ । ଯଦ୍ୱାରା ତାଙ୍କୁ ଅନେକଥର ବିଭିନ୍ନ ୟୁନିଭର୍ସିଟିରେ ଯାଇ ଲେକ୍‌ଚର ଦେବାର ମଧ୍ୟ ଅବସର ଲାଭ ହୋଇଥିଲା । ଏତଦ୍‌ବ୍ୟତିତ ରାଜ୍ୟରେ ଅନେକ ଲଷ୍ଟ ଜେନେରେସନ (Lost Generation) ସହ ସମ୍ପର୍କ ସ୍ଥାପନ କରି ସେମାନଙ୍କୁ ଯମାତ୍ ସହ ପରିଚିତ କଲେ ଏବଂ ସମଗ୍ର ରାଜ୍ୟରେ ଏଭଳି କାର୍ଯ୍ୟକ୍ରମ ଜାରି ରଖିଥିଲେ ଏବଂ ଆଚଂଳିକ ଯମାତ୍ ସାଙ୍ଗିଗିକୁ ପାଖାପାଖି ୨୦ ବର୍ଷପରେ ପୂର୍ନବାର ସ୍ଥାପିତ କରିଥିଲେ ଏବଂ ଏହାର ସେ ସୌଭାଗ୍ୟ ଅର୍ଜନ କରିଥିଲେ । ଅର୍ଥାତ ୨୦ ବର୍ଷପରେ ଉକ୍ତ ଯମାତ୍ ଟି ପୁନଃସ୍ଥାପିତ ହୋଇଥିଲା । ଏହି Lost Generationଙ୍କ ସହିତ ଯୋଗାଯୋଗ କରିବା ନିମନ୍ତେ ଛୋଟ ଛୋଟ ଦ୍ୱୀପମାନଙ୍କୁ ନୌକା ସାହାଯ୍ୟରେ ଯାଇ ସମ୍ପର୍କ ସ୍ଥାପନ କରୁଥିଲେ । ସେ ରୋଗରେ ଆକ୍ରାନ୍ତ ଥିବା ସତ୍ୱେ ଏପରି ନୌକାରେ ଦେଢ ଦୁଇ ଘଂଟା ପୂର୍ଣ୍ଣ ଯାତ୍ରାକୁ ଅତି ସାହାସର ସହ ଅତିକ୍ରମ କରୁଥିଲେ ଏବଂ କହୁଥିଲେ ଯେପର୍ଯ୍ୟନ୍ତ ମୋ ଅନ୍ତରରେ ସେବା କରିବାର ଶକ୍ତି ସଂଚାଳିତ ରହିଛି ମୁଁ ଏହି କାର୍ଯ୍ୟ କରୁଥିବି ଏପରି ଯାତ୍ରା ଯୋଗୁଁ ଚାରିଟି ପରିବାର ଅଲ୍ଲାଃଙ୍କ କୃପାରୁ ଯମାତ୍‌ରେ ସାମିଲ ହେଲେ ।

ମୃତକ ମଧୁମେହ ରୋଗ ଯୋଗୁଁ ହସ୍ପିଟାଲ୍‌ରେ ଚିକିତ୍ସାଧିନ ଅବସ୍ଥାରେ ଥିଲେ ଏହା ସତ୍ୱେ ସେ ସେଠାକାର ଏକ ଆଚଂଳିକ ଜଲ୍‌ସାରେ ଯୋଗ ଦେଲେ । ଯେତେବେଳେ ଜଣେ ସେବକ ତାଙ୍କୁ ପଚାରିଲେ କି ଏପରି ଅବସ୍ଥାରେ ଆପଣ କାହିଁକି ଏତେ କଷ୍ଟ ଉଠାଇଲେ । ସେତେବେଳେ ସେ ଉତର ଦେଲେ ଯେପର୍ଯ୍ୟନ୍ତ ମୁଁ ଜୀବିତ ଅଛି ଯମାତ୍‌ର ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେଉଥିବି ଏବଂ ଯୋଗ ଦେବାପାଇଁ ଚେଷ୍ଟା କରୁଥିବି ଯଦି ମୁଁ ବ୍ୟାଧିରେ ଆକ୍ରାନ୍ତ ଅଛି ତଥାପି ଯମାତ୍‌ର ସେବାକରିବାରେ ସର୍ବଦା ନିୟୋଜିତ ରହିବି । ଏହା ଏକ ଉତ୍ସର୍ଗୀର ପ୍ରକୃତ ଉତ୍କଣ୍ଠା ଯାହାକି ପ୍ରତ୍ୟେକ ଉତ୍ସର୍ଗୀ ମଧ୍ୟରେ ରହିବା ଉଚିତ ନା କି ଛୋଟ ଛୋଟ କଥାରେ ବ୍ୟତିବ୍ୟସ୍ତ ହୋଇପଡ଼ିବା ଯେପରି କେତେକ ପଦର୍ଶନ କରିଥାନ୍ତି ।

ଏହିପରି ମୁଜାଫର୍ ସାହେବ୍ ସେଠାକାର ଜଣେ ମୁରବୀ ଲେଖିଛନ୍ତି, ମତେ ତାଙ୍କ ସହ ଯାମିୟାରେ ଅଧ୍ୟୟନ କରିବାର ଅବସର ପ୍ରାପ୍ତ ହୋଇଥିଲା ଏବଂ ଶେଷଥରକ ତାଙ୍କ ସହ କାଦିୟାନ୍‌ରେ ଭେଟ ହୋଇଥିଲା । କାଦିୟାନ୍ ଯିବା ପୂର୍ବରୁ ସେ ବହୁତ ବେମାର ଥିଲେ ସେତେବେଳେ ବେଶ୍ ଅଧିକ ରୋଗରେ ପିଡ଼ୀତ ଥିଲେ ତେଣୁ ସେ ଦୁଆ କରୁଥିଲେ କି, ହେ ଅଲ୍ଲାଃ ମତେ ଏତିକି ଜୀବନ ପ୍ରଦାନ କର କି ମୁଁ କାଦିୟାନ୍ ଦେଖିନିଏ । ଅଲ୍ଲାଃଙ୍କ କୃପାରୁ ତାଙ୍କୁ ଉମ୍‌ରା କରିବାର ମଧ୍ୟ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ଏବଂ ଖଲିଫାଙ୍କ ସହ ସାକ୍ଷାତ କରିବାର ମଧ୍ୟ ସୁବର୍ଣ୍ଣ ଅବସର ଲାଭ ହୋଇଥିଲା । ମାତ୍ର କାଦିୟାନ୍‌ର ପରିଦର୍ଶନ କରିବା ବାକି ରହିଯାଇଥିଲା । ଅଲ୍ଲାଃଙ୍କ କୃପାରୁ ତାଙ୍କର ଏହି ଅଭିଳାଷା ମଧ୍ୟ ପ୍ରଭୁ ପୁରଣ କରିଦେଲେ । ଚଳିତବର୍ଷ କାଦିୟାନ ଜଲ୍‌ସା ତ ଅନୁଷ୍ଠିତ ହୋଇନଥିଲା ଯିବାଆସିବାରେ କଟକଣା ଲାଗିବା ପୂର୍ବରୁ ସେ କାଦିୟାନ୍‌ରେ ପହଂଚିଯାଇଥିଲେ ଏବଂ ସେଠାରେ ସ୍ୱାଧିନଭାବରେ ନମାଜ ପାଠ କରିବାରେ ମଧ୍ୟ ତାଙ୍କୁ ଅବସର ମିଳିଯାଇଥିଲା ।

ଏହି ମୁରବୀ ସାହେବ ଲେଖିଛନ୍ତି କି କାଦିୟାନ୍‌ରେ ଭିଷଣ ଶୀତ ଯୋଗୁଁ ମୃତକଙ୍କ ସ୍ୱାସ୍ଥ୍ୟବସ୍ଥା ବହୁତ ବିଗିଡ଼ି ଯାଇଥିଲା ଯେଉଁଥିପାଇଁ ତାଙ୍କୁ ଶୀଘ୍ର ଇଣ୍ଡୋନେସିଆ ଫେରିବାକୁ ପଡ଼ିଥିଲା କିନ୍ତୁ ମୃତକଙ୍କର ମସ୍‌ଜିଦ୍ ମୁବାରକ୍ ଓ ବଇତୁ ଦୁଆରେ ଦୁଆ କରିବାର ମନସ୍କାମନା ପୂରଣ ହୋଇଯାଇଥିଲା । ମୌଲବୀ ସାହେବ କୁହନ୍ତି କି ମୁଁ ତାଙ୍କୁ ହ୍ୱିଲ୍‌ଚେୟାରରେ ବସାଇ ବେହଶ୍‌ତି ମକ୍‌ବରା ଦୁଆ କରିବାକୁ ନେଇଯାଉଥିଲି । ସେଭଳି ଭୟଙ୍କର ରୋଗରେ ଆକ୍ରାନ୍ତ ହେବା ସତ୍ୱେ ସେ କଦାପି ଧୈର୍ଯ୍ୟହରା ହୋଇନଥିଲେ ଏବଂ ନିଜର ସମସ୍ତ ଯମାତି ଦାୟିତ୍ୱ ବେଶ୍ ସୁନ୍ଦରରୂପେ ସମ୍ପାଦନ କରିଥିଲେ । ସେହିପରି ଆଉ ଜଣେ ଶ୍ରୀମାନ୍ ସାଜିଦ୍ ସାହେବ ଲେଖିଛନ୍ତି, କି ସେ ସିନିୟର ହେବା ସତ୍ୱେ ପ୍ରଚାର କାର୍ଯ୍ୟରେ ନିଜ ଜୁନିୟରମାନଙ୍କର ରାୟ ଏବଂ ପରାମର୍ଶ ନେବାରେ କଦାପି ସଙ୍କୋଚ କରୁନଥିଲେ । ସ୍ୱଭାବରେ ବିନମ୍ରତା ଗୁଣ ଭରି ରହିଥିଲା, ମୃତକ ଜଣକ ଅତି ଦୃଢ଼ ସଂକଳ୍ପର ଅଧିକାରୀ ଥିଲେ । ଗତବର୍ଷ ରୋଗମୁକ୍ତ ହେବା ସଙ୍ଗେ ସଙ୍ଗେ ଦୀର୍ଘ ଯାତ୍ରା ଅତିକ୍ରମ କରି ଖୁଦାମୁଲ୍ ଅହେମଦୀୟାର ଇଜ୍ତେମାରେ ଉପସ୍ଥିତ ହୋଇଥିଲେ ।

ବାସୁକି ସାହେବ ଲେଖିଛନ୍ତି ତାଙ୍କ ଜୀବନର ଶେଷ ତିନିବର୍ଷରେ ମତେ ତାଙ୍କ ସହ ସେବା କାର୍ଯ୍ୟ କରିବାର ଅବସର ପ୍ରାପ୍ତ ହୋଇଥିଲା । ପ୍ରଚାର କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରିବାରେ ସେ ସିଦ୍ଧହସ୍ତ ଥିଲେ । ଏଥିପାଇଁ ସେ ସ୍ଥାନୀୟ ମୁବଲିଗ ଓ ଦାୟିନ୍ ମାନଙ୍କ ସହିତ ଯୋଗାଯୋଗ କରୁଥିଲେ ଏବଂ ଅଧମକୁ ସର୍ବଦା କହୁଥିଲେ କି ବୟତକାରିଙ୍କ ସୁଚୀ ଅପଡ଼େଟ୍ ରଖିବା ଉଚିତ ଯଦ୍ୱାରା ଲୋକାଲ ରିଜିଅନ୍‌ରେ ସେବା କରୁଥିବା ଦାଇନ୍‌ମାନେ ଉତ୍ସାହର ସହ କାର୍ଯ୍ୟ କରିବେ ଏବଂ ସେମାନେ ଆକ୍ଟିଭ୍ ରହିବେ ତଥା ନୂତନ ଅହେମଦୀମାନଙ୍କୁ ଯମାତ୍ ସହ ଯୋଡ଼ିପାରିବେ ।

ଆମର ଜଣେ ମୂରବୀ ସର୍‌ମଦ୍ ସାହେବ କୁହନ୍ତି ମୃତକ ଜଣକ ପ୍ରଚାର ମାମଲାରେ ଅଭୁତପୂର୍ଣ୍ଣ ଉତ୍ସାହ ନିଜ ଭିତରେ ରଖୁଥିଲେ । ଯେତେବେଳେ ଆମେ ନର୍ଥ ସୁମାଟ ରିଜିଓନ୍‌ରେ ବଶୁଂପାନେ ଅଂଚଳରୁ ଷ୍ଟେଟ୍ ସୀମାବର୍ତୀ ଅଂଚଳ ସୁସା ପର୍ଯ୍ୟନ୍ତ ପ୍ରଚାର ମାର୍ଗ ଉନ୍ମୁକ୍ତ ପାଇଁ ଯୋଜନା ପ୍ରସ୍ତୁତ କରୁଥିଲୁ, ସେତେବେଳେ ଆପଣ ବେଶ୍ ସାହାସ ଓ ଆଶାର ସହ ବିଭିନ୍ନ କାର୍ଯ୍ୟକ୍ରମ ଓ ଖସଡ଼ା ପ୍ରସ୍ତୁତ କରୁଥିଲେ ଏବଂ ତାହା ଦୀର୍ଘ ସମୟ ପର୍ଯ୍ୟନ୍ତ ଅବ୍ୟାହତ ରହିଲା କିନ୍ତୁ ପରେ ପାଣ୍ଠିର ଅଭାବ ଯୋଗୁଁ ତାହା ବନ୍ଦ ହୋଇଯାଇଥିଲା । କିନ୍ତୁ ତାଙ୍କ ପ୍ରୟାସର ଫଳ ସ୍ୱରୁପ ସେଠାରୁ ବହୁଳ ସଂଖ୍ୟାରେ ଲୋକେ ଯମାତ୍‌ରେ ସାମିଲ ହୋଇଥିଲେ । ସେ ସର୍ବଦା କହୁଥିଲେ କି କଦାପି ଧୈର୍ଯ୍ୟହରା ହେବା ଉଚିତ ନୁହେଁ କାରଣ ଆମର କାର୍ଯ୍ୟ ପ୍ରଚାର କରିବା ଓ ବୀଜ ଉତ୍ପନ୍ନ କରିବା ଅଟେ । ସମ୍ଭବତଃ ତାହାର ସ୍ୱାଦିଷ୍ଟ ଫଳ ଓ ଫସଲ କାଟିବା ଅନ୍ୟ କାହା ହାତରେ ଲେଖା ରହିଥାଇପାରେ । ସେ ଯାହା ହେଉ ସେ ଅତ୍ୟନ୍ତ ଦୃଢ଼ମନା ଓ ବିଶ୍ୱସ୍ତତାର ସହ ନିଜ କର୍ତବ୍ୟକୁ ସମ୍ପାଦନ କରୁଥିଲେ । ଅଲ୍ଲାଃ ତାଲା ବୈକୁଣ୍ଠରେ ତାଙ୍କ ସ୍ତର ଉର୍ଦ୍ଧଗାମୀ କରନ୍ତୁ । ତାଙ୍କ ପତ୍ନୀ ଓ ପିଲାମାନଙ୍କୁ ନିଜ ସୁରକ୍ଷାବଳୟ ମଧ୍ୟରେ ରଖନ୍ତୁ ଓ ତାଙ୍କର ସହାୟ ହୁଅନ୍ତୁ ।

ଦ୍ୱିତୀୟ ମୃତକଜଣକ ହେଲେ ଡ଼କ୍ଟର ପୀର୍ ମୁହମ୍ମଦ୍ ନକିଉଦ୍ଦିନ୍ ସାହେବ୍, ଇସଲାମାବାଦ ପାକିସ୍ତାନରେ ଚଳିତ ଅପ୍ରେଲ ମାସ ୧୮ ତାରିଖ ଦିନ ସେ ଦେହ ତ୍ୟାଗ କରିଥିଲେ *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* ଦେହାନ୍ତର କିଛି ସପ୍ତାହ ପୂର୍ବରୁ ଏହି ଯେଉଁ କରୋନା ଭୁତାଣୁ ସଂକ୍ରମିତ ହୋଇଚାଲିଛି, ତାଙ୍କଠାରେ ଦୃଶ୍ୟମାନ ହେବା ଆରମ୍ଭ ହୋଇଥିଲା । ଯଦ୍ୱାରା ତାଙ୍କୁ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ପ୍ରଥମେ ତ ତାଙ୍କ ଅବସ୍ଥା ସ୍ଥିର ରହିଥିଲା କିନ୍ତୁ ୧୮ ଅପ୍ରେଲ୍ ଦିନ ସ୍ୱାସ୍ଥ୍ୟବ୍ୟସ୍ଥା ଅତି ସୋଚନୀୟ ହେବା ଯୋଗୁଁ ଆଇ.ସି.ୟୁ କୁ ସିଫ୍ଟ କରାଯାଇଥିଲା । ଯେଉଁଠାରେ ପାଖାପାଖି ସଂନ୍ଧ୍ୟାବେଳେ ସେ ଅନ୍ତିମ ନିଶ୍ୱାସ ତ୍ୟାଗ କରି ପ୍ରଭୁଙ୍କ ଦରବାରରେ ହାଜର ହୋଇଯାଇଥିଲେ । ମୃତକଜଣଙ୍କ ନିଜ ପତ୍ନୀଙ୍କ ବ୍ୟତିତ ଗୋଟିଏ ପୁତ୍ର ଓ ଚାରୋଟି କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ସମସ୍ତେ ବିବାହିତା ଏବଂ ସକୁଶଳେ ନିଜ ନିଜ ଜୀବନ ଅତିବାହିତ କରୁଛନ୍ତି । ମୀର୍ ସାହେବଙ୍କ ଜେଜେବାପା ଓ ଅଜା ଉଭୟେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ଆପଣଙ୍କ ବଂଶ ହଜ୍‌ରତ୍ ସୁଫୀ ଅହ୍‌ମଦ୍ ଜାନ୍ ସହିତ ମିଳିତ ହେଉଅଛି । ଆପଣଙ୍କ ଦଦା ହଜ୍‌ରତ୍ ପୀର୍ ମଜ୍‌ହରୁଲ୍ ହକ୍ ସାହେବ୍ ଓ ନନା ହଜ୍‌ରତ୍ ମାଷ୍ଟର୍ ନଜୀରୁ ହୁସେନ୍ ସାହେବ୍ ହଜ୍‌ରତ୍ ମସିହ୍ ମଉଦ ଆ:ସଙ୍କ ଶ୍ରେଷ୍ଠତମ ସାହାବା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ହଜ୍‌ରତ୍ ପୀର୍ ମଜ୍‌ହରୁଲ୍ ହକ୍ ସାହେବ୍ କାଦିୟାନ୍‌ର ମର୍ଦସାରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ସହପାଠି ଥିଲେ । ସେ ଲୁଧିୟାନାରୁ ହିଜର୍‌ତ୍ କରି କାଦିୟାନ ଆସିଥିଲେ ଓ ପାଖାପାଖି ଛଅମାସ ପର୍ଯ୍ୟନ୍ତ ତାଙ୍କ ପରିବାର ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଘରେ ଅବସ୍ଥାନ କରିବାର ଗୌରବ ଅର୍ଜନ କରିଥିଲେ । ଶ୍ରୀମାନ୍ ଡ଼ାକ୍ତର ସାହେବଙ୍କ ମାତା ଜନାବ୍ ହକିମ୍ ମୁହମ୍ମଦ୍ ହୁସୈନ୍ ସାହେବ ମର୍‌ହୁମେ ଇସାଙ୍କ ନାତୁଣୀ ଥିଲେ । ଡ଼ାକ୍ତର ସାହେବ୍ ୧୯୪୬ ମସିହାରେ ଜନ୍ମଗ୍ରହଣ କରିଥିଲେ । ଏହି ଦୃଷ୍ଟିରୁ ପାଖାପାଖି ୭୪ ବର୍ଷ ପର୍ଯ୍ୟନ୍ତ ସେ ଜୀବିତ ରହିଥିଲେ । ୧୯୪୭ ମସିହାରେ ସପରିବାର ହିଜ୍‌ରତ୍ କରି ପ୍ରଥମେ ଲାହୋର୍‌ରେ ଅବସ୍ଥାନ କରିଥିଲେ ଏବଂ ପରେ ମେଲ୍‌ସି ଜିଲ୍ଲା ଓହ୍ୱାଡ଼ି ଚାଲିଯାଇଥିଲେ । ୧୯୭୦ ମସିହାରେ ସେ ନଶ୍‌ତର୍ ମେଡ଼ିକାଲ୍ କଲେଜ୍‌ରୁ M.B.B.S ପାସ୍ କଲେ ଓ ୧୯୭୫ ଓ ୭୬ ମସିହାରେ ଇସ୍‌ଲାମାବାଦ ସିଫ୍ଟ ହୋଇଯାଇଥିଲେ । ସେଠାରେ ତାଙ୍କୁ ସରକାରୀ ଚିକିତ୍ସାଳୟରେ ଚାକିରି ମିଳିଯାଇଥିଲା । ଦୀର୍ଘ ସମୟ ସେଠାରେ ସେବା ସମ୍ପାଦନ କରିବାପରେ

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ’ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ସେ ଚାକିରିରୁ ଇସ୍ତଫା ଦେଇ ଇରାନ୍ ଚାଲିଯାଇଥିଲେ । ସେଠାରେ ଦୁଇ ତିନି ବର୍ଷ ପ୍ରାକ୍ଟିସ୍ କରିବାପାରେ ପୁଣି ପାକିସ୍ତାନ ଫେରି ଆସିଥିଲେ ଏବଂ ଇସ୍ଲାମାବାଦରେ ହିଁ ନିଜର କ୍ଲିନିକ୍ ଖୋଲିଥିଲେ ଏବଂ ଗତ ୩୦ ବର୍ଷ ହେଲା ନିଜର କ୍ଲିନିକ ଚଳାଉଥିଲେ । ଅଲ୍ଲାଃଙ୍କ କୃପାରୁ ସେ ସଫଳ ଡ଼ାକ୍ତର ଥିଲେ ଏବଂ ଅଭାବୀମାନଙ୍କର ଖୁବ୍ ସେବା କରୁଥିଲେ ।

ଇସ୍ଲାମାବାଦ୍ର ଅମୀର ଡ଼ାକ୍ତର ଅବ୍ଦୁଲ୍ବାରି ସାହେବ ଲେଖିଛନ୍ତି: ଡ଼ାକ୍ତର ସାହେବ ଗତ ବାର ବର୍ଷରୁ ଉର୍ଦ୍ଧ ସମୟ ହେଲା ଆମ ଯମାତ୍ର କାଜି ପଦବୀରେ ଅଧିଷ୍ଠିତ ଥିଲେ ଏବଂ ଆପଣଙ୍କ ନିଷ୍ପତି ସର୍ବଦା କୋରାନ୍ ଓ ସୁନ୍ନତର ଆଲୋକରେ ହେଉଥିଲା ଯାହାକି ଉଭୟ ପକ୍ଷଙ୍କ ପାଇଁ ସାନ୍ତ୍ୱନାମୂଳକ ସାବ୍ୟସ୍ତ ହେଉଥିଲା । ସେ ଅତ୍ୟନ୍ତ ଉଲ୍ଲାସପୂର୍ଣ୍ଣ ମେଳାପି ଓ ସମସ୍ତଙ୍କୁ ସ୍ନେହ ଓ ଆଦର କରୁଥିବା ମଣିଷ ଥିଲେ, ଦୟାଳୁ ଓ ଅଭାବୀମାନଙ୍କ ସାହାଯ୍ୟକାରୀ ବ୍ୟକ୍ତିତ୍ୱ ଥିଲେ । ସମସ୍ତଙ୍କ ସହ ହସ ହସ ମୁଖରେ ଭେଟୁଥିଲେ ଏବଂ ତାଙ୍କର ଦିବାରାତ୍ର ସୃଷ୍ଟିର ସେବା କରିବାରେ ଅତିବାହିତ ହେଉଥିଲା । ଯମାତ୍ର ଦରିଦ୍ର ଓ ଅସହାୟ ରୋଗୀମାନଙ୍କ ପାଇଁ ତାଙ୍କର କ୍ଲିନିକ ସର୍ବଦା ଉନ୍ମୁକ୍ତ ରହୁଥିଲା ଏବଂ ବାକି ଲୋକମାନଙ୍କ ପାଇଁ ମଧ୍ୟ ତାଙ୍କ ହୃଦୟ ଓ କ୍ଲିନିକ୍ର ଦ୍ୱାର ସର୍ବଦା ଖୋଲା ରହୁଥିଲା । ସଭିଙ୍କ ପାଇଁ ସେ ଜଣେ ଉପକାରୀ ମଣିଷଟିଏ ଥିଲେ । ଆପଣଙ୍କ ଜଣାଶୁଣାଙ୍କ ମଧ୍ୟରେ ଅଣଅହେମଦୀଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନଥିଲା । ଅଲ୍ଲାଃ ତାଲା ଆପଣଙ୍କୁ ସୁନ୍ଦର ଭାଷା ଶୈଳୀରେ ନିଜ ଭାବବ୍ୟକ୍ତ କରିବାର କୌଶଳ ମଧ୍ୟ ପ୍ରଦାନ କରିଥିଲେ । ତେଣୁ ଅଣ ଅହେମଦୀଙ୍କ ନିକଟରେ ଯମାତ୍ର ବାର୍ତା ପ୍ରଦାନ କରିବାରେ କୌଣସି ଅବସର ହାତଛଡ଼ା କରୁନଥିଲେ ।

ପାକିସ୍ତାନର ସଙ୍କଟାପନ୍ନ ଅବସ୍ଥାରେ ମଧ୍ୟ ସେ ଯମାତ୍ର ବାର୍ତା ନିର୍ଭିକ ଭାବରେ ଉପସ୍ଥାପନ କରୁଥିଲେ । ଅମୀର୍ ସାହେବ କୁହନ୍ତି ଏକଦା ଡ଼ାକ୍ତର ସାହେବ କହିଲେ ୧୯୭୦ ମସିହାରେ ଯେତେବେଳେ ମୁଁ M.B.B.S ପାସ୍ କଲି ସେତେବେଳେ ମୁଁ ନିଜ ଦାଦାଙ୍କ ନିକଟକୁ ରବ୍ୱା ଚାଲିଗଲି ଏବଂ ସୁସମ୍ବାଦ ଜଣାଇଲି କି ମୁଁ ଡ଼ାକ୍ତରୀ ପାଶ୍ କରିଯାଇଛି । ଏଥିରେ ସେ ବେଶ୍ ପ୍ରସନ୍ନିତ ହେଲେ ଏବଂ ମତେ ଅନେକ ଉପଦେଶ ଦେଇ ଏହା ମଧ୍ୟ କହିଲେ କି ନିଜ ରୋଗୀମାନଙ୍କ ଚିକିତ୍ସା କରିବା ସହିତ ତାଙ୍କ ପାଇଁ ଦୁଆ ମଧ୍ୟ କରିବ । କାରଣ ହଜ୍ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଯେଉଁ ବୈଦ୍ୟ ନିଜ ରୋଗୀମାନଙ୍କ ପାଇଁ ଦୁଆ କରିନଥାଏ ବରଂ ନିଜ ଚିକିତ୍ସା ଉପରେ ପୁର୍ଣ୍ଣ ଆସ୍ଥା ପୋଷଣ କରିଥାଏ ସେ ଏକ ପ୍ରକାର ଶୀର୍କ କରିଥାଏ । ଡ଼ାକ୍ତର ସାହେବ କୁହନ୍ତି ମତେ ଏହି ବୃତି କରିବାକୁ ୫୦ ବର୍ଷ ହୋଇଗଲାଣି ଏବଂ ସେବେଠାରୁ ମୁଁ ନିଜ ଦାଦାଙ୍କ ସେହି ଉପଦେଶ ମୁତାବକ ନିଜ ରୋଗୀଙ୍କ ଚିକିତ୍ସା କରିବା ସହିତ ତାଙ୍କ ସହିତ ଉତମ ଆଚରଣ ପ୍ରଦର୍ଶନ କରୁଛି । କେବଳ ତାଙ୍କ ସହ ଉତମ ଆଚରଣ ପ୍ରଦର୍ଶନ କରୁନାହିଁ ବରଂ ନିରନ୍ତର ପ୍ରତିଦିନ ଦୁଇ ରେକାତ୍ ନଫିଲ୍ ନମାଜ ମଧ୍ୟ ପାଠ କରୁଛି ଏବଂ ସେଥିରେ ତାଙ୍କ ପାଇଁ ଦୁଆ କରୁଅଛି । ଅର୍ଥାତ ତାଙ୍କର ଚିକିତ୍ସା ସ୍ୱଳ୍ପମୂଲ୍ୟରେ କରୁଛି । ଏହି ଆଚରଣ ଆମ ଡ଼ାକ୍ତରମାନଙ୍କୁ ଆପଣାଇବା ଉଚିତ । କେବଳ ନିଜ ଦକ୍ଷତା ଉପରେ ଭରଷା କରିବା ଓ ଔଷଧ ଉପରେ ଭରଷା କରି ଔଷଧ ପ୍ରଦାନ କରିବାନାହିଁ ବରଂ ଏଥି ସହିତ ରୋଗୀମାନଙ୍କ ସହ ଉତମ ବ୍ୟବହାର ପ୍ରଦର୍ଶନ କରିବା ଓ ତାଙ୍କ ପାଇଁ ଦୁଆ କରିବା ମଧ୍ୟ ଜରୁରୀ ପୁଣି ଯଦି ସେମାନଙ୍କ ପାଇଁ ନଫିଲ୍ ପାଠ କରନ୍ତି ତେବେ ତାହା ଅତି ଉତମ ।

ଡ଼ାକ୍ତର ସାହେବଙ୍କ ପତ୍ନୀ ଉଜ୍ମା ନକିବ୍ ସାହିବା ବର୍ଣ୍ଣନା କରନ୍ତି: ମୋ ସ୍ୱାମୀ ଅତି ନିଷ୍ଠାବାନ ଓ ଉତ୍ସର୍ଗୀ ବ୍ୟକ୍ତି ଥିଲେ, ଧର୍ମ ପ୍ରଚାରରେ ତାଙ୍କର ଆଗ୍ରହ ବହୁମାତ୍ରାରେ ଥିଲା ଏବଂ ଆପଣ ନିଜ ଜୀବନରେ ଅନେକ ବୟତ ମଧ୍ୟ କରାଇଛନ୍ତି ଏବଂ ଶହସ୍ର ଲୋକଙ୍କୁ ଅହେମଦୀୟତର ସତ୍ୟତା ମନାଇଛନ୍ତି । ଯଦିଚ ସେମାନେ ଭୟ ଅବା ଅନ୍ୟ କୌଣସି କାରଣ ଯୋଗୁଁ ଅହେମଦୀ ହୋଇନାହାନ୍ତି କିନ୍ତୁ ତର୍କରେ ତାଙ୍କୁ ନିରୁତର କରିଦେଇଛନ୍ତି । ପୁଣି ସେମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥିଲେ । ସେ ଆହୁରି କୁହନ୍ତି କି କରୋନା ସଂକ୍ରମିତ ଦିନରେ ସେ ନିଜ ରୋଗୀମାନଙ୍କ ପାଇଁ କ୍ଲିନିକ ଯାଆନ୍ତି ଯେପରି ସେମାନେ ବ୍ୟସ୍ତବିବ୍ରତ ହୋଇନଯାନ୍ତୁ । ତାଙ୍କ ସୁଗୁଣ ବର୍ଣ୍ଣନା କରି କୁହନ୍ତି ସେ ନିଜ ରୋଗୀମାନଙ୍କ ପାଇଁ ଦୁଆ କରୁଥିଲେ ତତ୍ସହିତ ସେ ଅତ୍ୟନ୍ତ ଆଜ୍ଞାକାରୀ ପୁତ୍ର, ନମୁନା ପ୍ରଦର୍ଶନକାରୀ ସ୍ୱାମୀ, ଦୟାଳୁ ଓ ସ୍ନେହ ଆଦରକାରୀ ପିତା ତଥା ଭାଇଭଉଣୀ, ସାଙ୍ଗସାଥୀମାନଙ୍କ ଯତ୍ନ ନେବା ସେମାନଙ୍କୁ ମନେରଖିବା ଓ ପରୋପକାରୀ ମଣିଷ ଥିଲେ । ବନ୍ଧୁଙ୍କ ସହ ସମ୍ପର୍କ ଅତି ନିବିଡ଼ ଓ ବହୁତ ଦୁଆକାରୀ ବ୍ୟକ୍ତି ଥିଲେ । ଆମର ଏହି ଅଂଚଳରେ ଜଣେ ନବବିଭାହିତା ବଧୁଙ୍କର କିଛି ଦିନ ଅତିବାହିତ ହେବା ପରେ ମଧ୍ୟ ତାଙ୍କୁ ସନ୍ତାନପ୍ରାପ୍ତି ହୋଇନଥିଲା । ତାଙ୍କ ପାଇଁ ବହୁତ ଦୁଆ କରୁଥିଲେ ଏକଦା ରାତ୍ରରେ ଆମେ ଉକ୍ତ ମହିଳାଙ୍କ ଘରେ ଅବସ୍ଥାନ କରିଥିଲୁ । ଡ଼ାକ୍ତର ସାହେବ୍ ତହ୍ଜୁଦ୍ରୁ ଉଠି ନମାଜ ପଢ଼ିବାପାଇଁ ଓଜୁ କରି ନଇଁ ପଡ଼ିଲେ ପଚାରିବାରୁ କହିଲେ ଏହି ସ୍ଥାନରେ ଅର୍ଥାତ ଏହି ଖଟପାଖରେ ଗୋଟିଏ ଶିଶୁ ଥିଲା ଅର୍ଥାତ ସେ ଅର୍ଦ୍ଧଚେତନା ଅବସ୍ଥାରେ ସେହି ଛୁଆକୁ ଦେଖିଲେ ଓ କହିଲେ ମୋର ମନେ ହେଲା ଯେପରି ଛୁଆ ଖଟ ଉପରୁ ପଡ଼ିଯିବ । ତେଣୁ ମୁଁ ତାକୁ କୋଳାଇ ନେବାପାଇଁ ନଇଁ ପଡ଼ିଥିଲି । ଉକ୍ତ ଘଟଣାର କିଛିଦିନ ପରେ ହିଁ ସମ୍ପୃକ୍ତ ମହିଳାଙ୍କୁ ଅଲ୍ଲାଃଙ୍କ କୃପାରୁ ପୁତ୍ର ସନ୍ତାନ ପ୍ରାପ୍ତ ହେଲା ଯେତେବେଳେ କି ଡ଼ାକ୍ତରଙ୍କର ଆଶା ନଥିଲା କି ସେ ସନ୍ତାନର ସୁଖ ଭୋଗ କରିପାରିବେ ।

ତାଙ୍କ ଭଣଜା ଓ ଜ୍ୱାଇଁ ଶ୍ରୀମାନ୍ ଅର୍ଶଦ୍ ଇଜାଜ୍ ସାହେବ କୁହନ୍ତି, ମୃତକ ମୋର ବଡ଼ ମାମୁଁ ଥିଲେ । ଯେବେଠାରୁ ମୁଁ ତାଙ୍କୁ ଜାଣିଛି ତାଙ୍କ ସମ୍ବନ୍ଧରେ ଅନେକ କିଛି ଶୁଣିଛି ଓ ଦେଖିଛି ବହୁତ ଦୁଆକାରୀ, ପରୋପକାରୀ, ଦୟାଳୁ ଓ କଠିନରୁ କଠିନ ସମୟରେ ଅଲ୍ଲାଃ ଓ ରସୁଲ୍ଙ୍କ ଅଦେଶକୁ ନିଜ ସମ୍ମୁଖରେ ରଖୁଥିଲେ । ଆମେ କୌଣସି ପ୍ରକାର ଘରର ହେଉ ଅବା ଯମାତ୍ର ହେଉ ନିଷ୍ପତି ନେବାକୁ ହେଲେ ସର୍ବପ୍ରଥମେ ମନରେ ଭାବ ଉତ୍ପନ୍ନ ହୁଏ କି ଏ ସଂକ୍ରାନ୍ତରେ ମାମୁଙ୍କଠାରୁ ପରାମର୍ଶ ନେବା ଫଳପ୍ରଦ ସାବ୍ୟସ୍ତ ହେବ । ସେ କୁହନ୍ତି ମାମୁଁଙ୍କର ଆଉ ଏକ ଘଟଣା ସମ୍ଭବତଃ ୨୦୧୦ ମସିହାରେ ଯେତେବେଳେ ଆଜିକାଲି ପରି ଆଡ଼ଭାନ୍ସ ଟେକ୍ନୋଲୋଜି ମୋବାଇଲ୍ ଫୋନ୍ ସର୍ବସାଧାରଣଙ୍କ ନିକଟରେ ନଥିଲା । ସେ କୁହନ୍ତି ମାମୁଁଙ୍କ ନିକଟରେ ବସି ତାଙ୍କ କଥା ଶୁଣୁଥିଲି ସେ ତାଙ୍କର ଗୋଟିଏ ସ୍ୱପ୍ନ ବିଷୟରେ କହିଲେ, ମୁଁ ଦେଖିଲି ଯେ ଏଲାନ୍ ହେଲା ଯେମିତି ଅଜାନ୍ ହୁଏ ଓ କିଛି ଲୋକ ନିଜ ପକେଟରୁ କିଛି କାଢ଼ି ନିଜ କାନରେ ଲଗାଉଛନ୍ତି । ସନ୍ଧାନ କରିବାରୁ ଜଣାପଡ଼ିଲା କି ଖଲିଫତୁଲ୍ ମସିହିଲ୍ଙ୍କ ଖୁତ୍ବା ର ସମୟ ହୋଇଛି ଏବଂ ସମସ୍ତ ଲୋକମାନେ ଖୁତ୍ବାର ସିଧାପ୍ରସାରଣ ଦେଖୁଛନ୍ତି ତହିଁରେ ହଜୁର କହୁଛନ୍ତି କି, ଆଜି ଆମେ ପ୍ରତ୍ୟେକ ସପ୍ତାହ ଏହାକୁ ପୂର୍ଣ୍ଣ ହେଉଥିବାର ଦେଖୁଅଛେ ।

ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ହଜ୍ରତ୍ ସୁଫି ଅହ୍ମଦ୍ ଜାନ୍ ସାହେବଙ୍କ ପରିବାର ସହିତ ସମ୍ପର୍କ କେବଳ ନିଜର ଆତ୍ମସମ୍ମାନ ବୋଲି ମଣୁନଥିଲେ ବରଂ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ଏହା ପ୍ରେରିତ କରୁଥିଲେ କି ଅଲ୍ଲାଃ ତାଲାଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରଖିବା ଉଚିତ । କୌଣସି ସୁନାମଧନ୍ୟ ବ୍ୟକ୍ତି ବିଶେଷଙ୍କ ବଂଶଭବ ହେବା ବଡ଼ କଥା ନୁହେଁ ତେଣୁ ପ୍ରକୃତ ବସ୍ତୁ ହେଲା ଅଲ୍ଲାଃ ତାଲାଙ୍କ ସହିତ ତୁମର ବ୍ୟକ୍ତିଗତ ସମ୍ପର୍କ ରହିବା ଉଚିତ । ସେ କେବଳ ସର୍ବଦା ଦାଓ୍ୱତେ ଇଲ୍ଲଲାଃ ପ୍ରତି ଆଶକ୍ତ ନଥିଲେ ବରଂ ଏହାଠୁ ଭଳି ତାଙ୍କ ହୃଦୟରେ ଦାଓ୍ୱତେ ଇଲ୍ଲଲା ପ୍ରତି ଉନ୍ମାଦନା ଭରି ରହିଥିଲା । ସେ ମଧ୍ୟ ଏହା ଉଲ୍ଲେଖ କରିଛନ୍ତି ଏବଂ ଅନେକ ବ୍ୟକ୍ତି ମଧ୍ୟ ତାହା ହିଁ ଉଲ୍ଲେଖ କରିଛନ୍ତି । ସେ ସବୁ ଏଠାରେ ବର୍ଣ୍ଣନା ହୋଇପାରିବ ନାହିଁ ସୁତରାଂ ସେମାନେ ଲେଖିଛନ୍ତି ଯେ, ତାଙ୍କର ଦାଓ୍ୱତେ ଇଲ୍ଲଲାଃ ପ୍ରତି ପ୍ରବଳ ଆଶକ୍ତି ଥିଲା ଏବଂ ଅତି ସୁନ୍ଦର ଢ଼ଙ୍ଗରେ କୋରାନ୍ କରିମ୍ରୁ ପ୍ରମାଣ ଦର୍ଶାଇ ସେ ଦାଓ୍ୱତେ ଇଲ୍ଲଲାର କାର୍ଯ୍ୟ କରୁଥିଲେ ।

ବିଶେଷ କରି ସେ ଅଣଅହେମଦୀ ବ୍ୟକ୍ତିମାନଙ୍କୁ ଜଲ୍ସା ସାଲାନା ଅବସରରେ ସ୍ୱଗୃହକୁ ଆମନ୍ତ୍ରିତ କରୁଥିଲେ ଏବଂ ଅତ୍ୟନ୍ତ ଆନନ୍ଦ ସହ ତଥା ଆଦର ସହକାରେ ସେମାନଙ୍କ ଆତିଥ୍ୟତା କରୁଥିଲେ । ସେ ସେମାନଙ୍କୁ ଜଲ୍ସା ସାଲାନା ଶୁଣାଉଥିଲେ ଯାହା ଫଳରେ ତବ୍ଲିଗ୍ରେ ଏକପ୍ରକାରର ବାଟ ଫିଟିଯାଉଥିଲା । ସେ କୁହନ୍ତି ଯେ ଯେତେବେଳେ କରୋନା ଭୁତାଣୁ ବ୍ୟାପିଲା ସେତେବେଳେ ମାମୁଁ କ୍ଲିନିକ ଯିବା ବନ୍ଦ କରିନଥିଲେ ମୁଁ ଅନେକଥର ଫୋନ୍ କରି ତାଙ୍କୁ କହିଲି ଏବଂ ବୁଝାଇବାକୁ ଚେଷ୍ଟା କଲି ଯେ ଆପଣ କ୍ଲିନିକ ଯାଆନ୍ତୁ ନାହିଁ । ପ୍ରତିଉତରରେ ସେ ଏହା ହିଁ କହୁଥିଲେ ଯେ ଯଦି ଡ଼ାକ୍ତରମାନେ ଘରେ ବସିଯିବେ ତେବେ ରୋଗୀମାନଙ୍କର ଅବସ୍ଥା କଣ ହେବ ? ଏହି କଥା ଶୁଣି ମୁଁ ନିରୁତର ହୋଇଯାଉଥିଲି । ରୋଗରେ ଆକ୍ରାନ୍ତ ଥିବା ଅବସ୍ଥାରେ ମଧ୍ୟ କ୍ଲିନିକ ଯାଉଥିଲେ ଏବଂ ସର୍ବଦା ଏହା ହିଁ କହୁଥିଲେ ଯେ, ଆମେମାନେ ତ ସେବା ନିମିତ ଏଠାକୁ ଆସୁଛୁ ଗୋଟିଏ ଦାୟିତ୍ୱ ରହିଛି ଯାହାକି ଆମେ ଏଠାରେ ନିର୍ବାହ କରୁଅଛେ । ଅର୍ଥାତ ଅର୍ଥ ଉପାର୍ଜନ କରିବା ଏହି କ୍ଲିନିକର ଅଭିପ୍ରାୟ ନୁହେଁ ।

ତାଙ୍କ ସୁପୁତ୍ରୀ ନୁରୈନା ଆଇଶା ନୁରୁଦ୍ଦିନ୍ କୁହନ୍ତି: ଯେ ମୋ ପିତା ଜଣେ ଦୟାବାନ୍ ତଥା କୋମଳ ହୃଦୟ ଓ ଦୁଆକାରୀ ବ୍ୟକ୍ତି ଥିଲେ । ସେ ପ୍ରତ୍ୟେକ କ୍ଷେତ୍ରରେ ସର୍ବଦା ଦୁଆ କରିବାପାଇଁ ଓ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ଉତ୍ସାହିତ କରୁଥିଲେ । ତାଙ୍କ ପୁତ୍ରୀ କୁହନ୍ତି ଆମେ ପିତାଙ୍କୁ ଯେ କୌଣସି ବିଷୟରେ ଦୁଆ କରିବାପାଇଁ କହିଲେ ସେ ପ୍ରତିତ୍ୟୁରରେ ଏହା ହିଁ କହୁଥିଲେ ଯେ, ତୁମେ ପ୍ରଥମେ ସ୍ୱୟଂ ଦୁଆ କର ମୁଁ ମଧ୍ୟ ତୁମପାଇଁ ଦୁଆ କରିବି । ଏହାପରେ ସେ ଆମମାନଙ୍କୁ ଅଲ୍ଲାଃ ତାଲାଙ୍କଠାରୁ ମାର୍ଗଦର୍ଶନ ପାଇଁ ଆମମାନଙ୍କୁ ଅନୁପ୍ରାଣିତ କରୁଥିଲେ ଏବଂ ଆମକୁ କହୁଥିଲେ, ଯେ ମତେ ଏପରି ସ୍ୱପ୍ନାଦେଶ ହୋଇଛି ଅଥବା ଅଲ୍ଲାଃ ତାଲା ମତେ ଏପରି କରିବାକୁ କହିଛନ୍ତି । ପେଶା ଦୃଷ୍ଟିକୋଣରୁ ହଜାର ହଜାର ଲୋକଙ୍କୁ ମାଗଣା ଚିକିତ୍ସା କରିଥିଲେ ଏବଂ ସେ ବିନାମୂଲ୍ୟରେ ରୋଗି ସେବା କରୁଥିଲେ । ସେ ରୋଗୀମାନଙ୍କଠାରୁ ଏତେ କମ୍ ପରିମାଣରେ ଫିସ୍ ନେଉଥିଲେ ବସ୍ତୁତ ଅଧିକାଂଶ ଗରୀବ ଶ୍ରେଣୀରେ ରୋଗୀ ତାଙ୍କ ନିକଟକୁ ଆସୁଥିଲେ । ପୁନଶ୍ଚ ତାଙ୍କ ପୁତ୍ରୀ ଉଲ୍ଲେଖ କରିଛନ୍ତି ଯେ, ମୋ

**ହଜ୍ରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ**

"ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ"

*(ଖୁତ୍ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

"ଇସ୍ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ"

*(ମଲ୍ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ପିତା ଜଣେ ଚଳନ୍ତି କୋରାନ୍ ଥିଲେ ଯଦି ତାଙ୍କଠାରୁ କୌଣସି ପ୍ରସଙ୍ଗରେ ମାର୍ଗଦର୍ଶନ ଲୋଡ଼ାଯାଉଥିଲା ତେବେ ସେ ପ୍ରଥମେ ମୌଖୀକ କୋରାନ୍‌ର ଆୟତ ପଢ଼ି ଏହାର ଅନୁବାଦ ଉପସ୍ଥାପନ କରୁଥିଲେ ଏବଂ ପରେ ଏହାର ବ୍ୟାଖ୍ୟା କରୁଥିଲେ । ତାଙ୍କର ଖିଲାଫତ୍ ସହିତ ଅଗାଢ଼ ପ୍ରେମ ରହିଥିଲା ଯେମିତି ଏମ୍‌ଟିଏରେ ଏକ ଘଂଟାର ଖୁତ୍‌ବା ପ୍ରସାରିତ ହେବା ଆରମ୍ଭ ହେଉଥିଲା ସେତେବେଳେ ସେ ତୁରିତ ବେଗରେ ଘରେ ଡ଼ିସ୍ ଆଂଟିନାର ବ୍ୟବସ୍ଥା କରୁଥିଲେ କାରଣ ଲୋକମାନେ ଏମ୍.ଟି.ଏ ଦେଖିବାପାଇଁ ଆମଘରକୁ ଆସିବେ ଓ ଖିଲାଫତ୍ ସହିତ ଅନାବେଳ ପ୍ରେମ ସମ୍ପର୍କ ଯୋଗୁଁ ଜଲ୍‌ସା ସାଲାନା ଅବସରରେ ଯେଉଁ ଉଦ୍‌ଯାପନୀ ଉଦ୍‌ବୋଧନ ହେଉଥିଲା ସେହି ଉଦ୍‌ବୋଧନକୁ ଶୁଣାଇବା ନିମନ୍ତେ ସେ ଅନେକ ଅଣଅହେମଦୀମାନଙ୍କୁ ଘରକୁ ଆମନ୍ତ୍ରିତ କରୁଥିଲେ । ବୟତର ସମସ୍ତ କାର୍ଯ୍ୟକ୍ରମଗୁଡ଼ିକୁ ସେ ଘରକୁ ଆମନ୍ତ୍ରିତ କରିଥିବା ଅଣଅହେମଦୀମାନଙ୍କୁ ଦେଖାଇବା ସହିତ ସ୍ୱାଦିଷ୍ଟ ଖାଦ୍ୟପେୟମାନର ମଧ୍ୟ ଆୟୋଜନ କରୁଥିଲେ ଏବଂ କହୁଥିଲେ ଏମାନେ ସମସ୍ତେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଅତିଥି ।

ପୁନଶ୍ଚ ତାଙ୍କର ଓ୍ବର୍ଦା ନାମକ ଅନ୍ୟ ଏକ ପୁତ୍ରୀ କୁହନ୍ତି ଯେ, ଆମ ପିତା ପିଲାଦିନୁ ହିଁ ଆମମାନଙ୍କର ନମାଜ ପଢ଼ିବାର କୋରାନ୍ ପଢ଼ିବାର, ରୋଜା ରଖିବାର, ଚାନ୍ଦା ଦେବାର ଏବଂ ଦାନଦକ୍ଷିଣା କରିବାର ଅଭ୍ୟାସ କରାଇଥିଲେ । ଆମ ଭାଇଭଉଣୀମାନଙ୍କର ବିବାହ ସମୟରେ ସେ ସାଂସାରିକ ସୁଖ, ସ୍ୱାଚ୍ଛନ୍ଦ୍ୟକୁ ଭ୍ରୁକ୍ଷେପ ନ କରି ସେ କେବଳ ଧର୍ମକୁ ପ୍ରାଧାନ୍ୟ ଦେଇଥିଲେ ଓ ଆମମାନଙ୍କୁ ପିଲାଟି ଦିନୁ ହିଁ ଏହା ଶିକ୍ଷା ଦେଉଥିଲେ ଯେ, ପ୍ରତ୍ୟେକ ଅଭିଳାଷା ଶିଘ୍ର ପୂରଣ ହୋଇନଥାଏ ତେଣୁ ଏଥିପାଇଁ ସର୍ବଦା ଧୈର୍ଯ୍ୟ, ଦୁଆ ଓ ପରିଶ୍ରମ କରିବାକୁ ପଡ଼ିଥାଏ ।

ତାଙ୍କର ଜ୍ୱାଇଁ ଅବଦୁଲ୍ କୁଦୁସ୍ ସାହେବ୍ କୁହନ୍ତି, ଏହି ବିନିତ ସହ ଶ୍ୱଶୁରଙ୍କର ସମ୍ପର୍କ ଜଣେ ପିତା ପରି ଥିଲା । ସେ କୁହନ୍ତି ମୋର ତାଙ୍କ ସହ ସାକ୍ଷାତ କରିବାକୁ ସବୁବେଳେ ଉତ୍କଣ୍ଠା ରହୁଥିଲା କାରଣ ଯେତେବେଳେ ତାଙ୍କୁ ଭେଟେ ସେ କୌଣସି କୋରାନ୍‌ର ପଂକ୍ତିର ନୂତନ ବ୍ୟାଖ୍ୟା ଅବା କୌଣସି ବିବାଦମୂଳକ ସମସ୍ୟାର ସମାଧାନ ନୂତନ ଶୈଳୀରେ ଉତର ତାଙ୍କଠାରୁ ଶିଖିବାକୁ ମତେ ମିଳେ । ସେ କୁହନ୍ତି ବିବାହର ପ୍ରାରମ୍ଭରେ ମୁଁ ଶ୍ୱଶୁରଘର ଲୋକଙ୍କ ସହ ମିଳାମିଶା କରିବାରେ ସଙ୍କୋଚ ମନେ କରୁଥିଲି କିନ୍ତୁ ସେ ମୋ ସହ ଏଭଳି ମିଳାମିଶା କଲେ କି ସେ ସବୁକିଛି ସଙ୍କୋଚ ଉଭେଇ ଗଲା । ତାଙ୍କର ସାଂସାରିକ ମାମଲା ରାଜନୀତି ଅବା ଫେସନ ପ୍ରତି ତିଳେମାତ୍ର ଆଗ୍ରହ ନଥିଲା । ଉପାସନା, ଦୁଆ, କୋରାନ୍ ଶିକ୍ଷା ଓ ସଂସ୍କାରମୂଳକ ବିଷୟ ତାଙ୍କର ଅତି ପ୍ରୀୟ ଥିଲା । ରିତି ପରମ୍ପରା ବିରୋଧରେ ଚଟାଣପରି ଦଣ୍ଡାୟମାନ ରହୁଥିଲେ । ତାଙ୍କୁ କେହି ଦୋହଲାଇ ପାରୁନଥିଲେ । ବିବାହ ଉତ୍ସବ ସମୟରେ କୁପ୍ରଥାମାନଙ୍କୁ ଦୃଢ଼ତାର ସହ ପ୍ରତିରୋଧ କରୁଥିଲେ ଯଦି ପିଲାମାନେ କୌଣସି ଗିତ ଗାଇଦେଉଥିଲେ ବିବାହ ଉତ୍ସବ ସମୟରେ ଯେଉଁଥିରେ ଶିର୍କର ଶାଳିନତା ରହୁଥିଲା ତେବେ ତାହାର ସଙ୍ଗେ ସଙ୍ଗେ ପ୍ରତିବାଦ କରୁଥିଲେ ଏବଂ ସେଥିରୁ ବାରଣ କରୁଥିଲେ ।

ଏହିପରି ତାଙ୍କର କନ୍ୟା କୁରତୁଲ୍ ଅଏନ୍ ହାଦି କୁହନ୍ତି ମତେ ଉପଦେଶ ଦେଉଥିଲେ କଦାପି କାହାସହ ମନରେ ମଳିନତା ପୋଷଣ କରିବନାହିଁ । ନିଜ ଶ୍ୱଶୁରଘରର ଲୋକମାନଙ୍କୁ ନିଜର ମଣିବ, ସେମାନଙ୍କୁ ନିଜ ହର୍‌କତ୍ ଅବା କଥାରେ କଷ୍ଟ ଦେବନାହିଁ ଦେଖ ପୂଣ୍ୟବାନ ସହ ପୂଣ୍ୟ କରିବା ଉତମାଚରଣ ପଦର୍ଶନ କରିବା କୌଣସି ବଡ଼କଥା ନୁହେଁ ଅସଲରେ ମନ୍ଦ ବ୍ୟକ୍ତି ସହ ସୁନ୍ଦର ଆଚରଣ ପ୍ରଦର୍ଶନ କରିବା ଆମ ଶିକ୍ଷାର ବିଶେଷତ୍ୱ ଅଟେ । ଯାହାକି ଆଜିର ଯୁଗରେ ଆମ୍ଭକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପ୍ରଦାନ କରିଛନ୍ତି ଏହି ଉତମ ଆଚରଣ ଅନ୍ୟମାନଙ୍କୁ ତୁମପ୍ରତି ଧ୍ୟାନ କେନ୍ଦ୍ରିତ କରିବାର କାରଣ ସାବ୍ୟସ୍ତ ହେବ । ସେ ଆହୁରି କହିଲେ ମନେରଖ ବିଶୃଙ୍ଖଳା ହତ୍ୟାଠାରୁ ମଧ୍ୟ ବଡ଼ ଅପରାଧ ତେଣୁ ଏପରି ଘଟଣାକୁ ପ୍ରତିରୋଧ କରିବାପାଇଁ ସତ୍ୟବାଦୀ ହେବା ସତ୍ୱେ ମଧ୍ୟ ମିଛୁଆଙ୍କ ପରି ବିନମ୍ର ପ୍ରଦର୍ଶନ କରିବ ଏହା ସେହି ଶ୍ରେଷ୍ଠତମ ଉପଦେଶ ଯାହାକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ପ୍ରଦାନ କରିଯାଇଛନ୍ତି । ଯଦି ଏହି ଉପଦେଶ ପିତାମାତା ନିଜ ପିଲାମାନଙ୍କୁ କରନ୍ତି ତେବେ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶର ଶିଳାନ୍ୟାସ ହୋଇପାରିବ ।

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।’’ *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

### ଅଲ୍ଲା ତାଲାଙ୍କ ବାଣୀ

‘‘ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି’’

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

ତାଙ୍କର ପୁତ୍ର ପୀର୍ ମହିଉଦ୍ଦିନ୍ ସାହେବ୍ କୁହନ୍ତି ମୁଁ ସ୍ୱପ୍ନରେ ଦେଖିଲି ଚତୁର୍ଥ ଖଲିଫା ଆମଘର ଲନ୍‌ରେ ଦରସ୍ ଦଉଛନ୍ତି । ମୁଁ ସେଠାରେ ବସିଛି ଏବଂ ମତେ ହଜୁର କହୁଛନ୍ତି ଏହା ଘର ନୁହେଁ ଏକ ମୋତି ଯେଉଁଥିରୁ ତୁମକୁ ଆଶିଷ ଲାଭ ହେଉଅଛି ଏହାକୁ ଛାଡ଼ି ଯିବ ନାହିଁ ଏବଂ ଏ ତୁମ ପିତା ଜଣେ ମହାତ୍ମା ଅଟନ୍ତି । ସେ ଦରିଦ୍ରମାନଙ୍କର ସର୍ବଦା ଦୁଃଖସୁଖ ବୁଝୁଥିଲେ ଅନେକ ଲୋକଙ୍କୁ ମାସିକ ରାସନ ଓ ସେମାନଙ୍କ ପିଲାମାନଙ୍କ ଶିକ୍ଷା ତଥା ଔଷଧପତ୍ର ଦେଇ ଭରଣ ପୋଷଣ କରୁଥିଲେ । ପ୍ରତିଦିନ ପଚାଶ ପ୍ରତିଶତରୁ ଅଧିକ ଲୋକଙ୍କୁ ମାଗଣା ଚିକିତ୍ସା କରୁଥିଲେ ।

ଏହିପରି ତାଙ୍କ ଜ୍ୱାଇଁ ଅବଦୁଲ୍ ସମଦ୍ ସାହେବ୍ ବର୍ଣ୍ଣନା କରନ୍ତି କି ପବିତ୍ର କୋରାନ୍ ସହ ତାଙ୍କର ପ୍ରେମ ସୀମା ବାହାର ଥିଲା । ଯେତେବେଳେ କୌଣସି ପ୍ରମାଣ ଦେବାର ଆବଶ୍ୟକତା ପଡ଼େ ସେତେବେଳେ ସେ ପବିତ୍ର କୋରାନ୍‌ର ପ୍ରମାଣ ଅନୁବାଦ ସହ ଉପସ୍ଥାପନ କରନ୍ତି । ଯେତେବେଳେ କେହି ମିର୍ଜା ଗୁଲାମ୍ ଅହେମଦ୍‌ଙ୍କର କୌଣସି ନିଦର୍ଶନ ବା ଚମତ୍କାର ମାଗନ୍ତି

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା’ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | **Aconite - 200** | **Arsenic Alb - 200** | **Gelsemium - 200** |

| | |
|---|---|
| (ii) | **Chelidonium Maj - 1x** |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୁପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | **Influenzinum-200** | **Bacillinum-200** | **Diphtherinum-200** |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା’ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | **Arnica-30** | **Baptisea-30** | **Arsenic Alb-30** |
| | **Heper Sulph-30** | **Nat. Sulph-30** | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | **Chelidonium Maj - 1x** |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘⌘

ସେତେବେଳେ ସେ କୁହନ୍ତି ମୋର ଅସ୍ତିତ୍ୱ ହିଁ ଏକ ଚମତ୍କାର ଏପରି ନୁହେଁ କି ଏଭଳି ଉତର ମୁଁ ଥଟ୍ଟାପୂର୍ବକ ଦେଉଅଛି ବରଂ ସେ କହୁଥିଲେ ଏହା ପରିହାସ ନୁହେଁ ବାସ୍ତବତା ଓ ପ୍ରମାଣ ଦେଇ ତାଙ୍କୁ ଏକମତ କରାଉଥିଲେ । ହଜୁର ଆ:ସ ସତ୍ୟବାଦୀ ହେବାର ସେ ଜଣେ ନିଦର୍ଶନ ଥିଲେ, ସେ ଜଣେ ପୂର୍ଣ୍ଣାଙ୍ଗ ଅହେମଦୀ ଥିଲେ ଯେଉଁ ଉପେକ୍ଷା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ନିଜ ଯମାତ୍‌ଠାରୁ ଥିଲା ତାହାର ସେ ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ଥିଲେ । ତାଙ୍କୁ ଦେଖିଲେ ତାହା ପ୍ରକାଶ ହୁଏ ତାଙ୍କ ସହ ସାକ୍ଷାତ କରିବା ବ୍ୟକ୍ତିର ଚରିତ୍ରରେ ପୂର୍ଣ୍ୟକର୍ମ ପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଥାଏ । ଏହା ହିଁ ଜଣେ ପୂର୍ଣ୍ୟବାନ ବ୍ୟକ୍ତିର ବିଶେଷତ୍ୱ କି ତାହା ସହ ବସାଉଠା କରୁଥିବା ଲୋକେ ମଧ୍ୟ ଭଦ୍ର ବ୍ୟକ୍ତି ପାଲଟିଯାନ୍ତି । ଅତଏବ ଏହା ଅଟେ ସେହି ସ୍ତର ଯାହାକି ପ୍ରତ୍ୟେକ ଅହେମଦୀଙ୍କୁ ଆପଣାଇବାକୁ ଚେଷ୍ଟା କରିବା ଉଚିତ । ପୁରୁଣା ନିଦର୍ଶନକୁ ଖୋଜିବା ପରିବର୍ତେ ନିଜେ ଏକ ନିଦର୍ଶନ ହୁଅ ।

ସେହିପରି ଇସ୍‌ଲାମବାଦାର ଅମୀର୍ ଅବଦୁର୍ ରଉଫ୍ ସାହେବ୍ କୁହନ୍ତି ଅନେକ ଲୋକମାନେ ଉକ୍ତ ଘଟଣାକୁ ପରିପ୍ରକାଶ କଲେ ଯେ, ଆମେମାନେ ତ ଅନ୍ୟ କୌଣସି ଡ଼ାକ୍ତର ବିଷୟରେ ଜାଣିନାହୁଁ ବର୍ତମାନ ଆମେ କଣ କରିବୁ ? ଯମାତ୍‌ରେ ଏପରି ଅନେକ ଦରିଦ୍ର ବନ୍ଧୁ ଅଛନ୍ତି ଯେଉଁମାନଙ୍କୁ କେବେ ହେଲେ କୌଣସି ଚିକିତ୍ସା ପ୍ରସଙ୍ଗରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନାହିଁ । ସେମାନେ ବିନା କୌଣସି ଦ୍ୱିଧାରେ ଡ଼ାକ୍ତର ନକିବ୍ ସାହେବ୍‌ଙ୍କ କ୍ଲିନିକ୍‌ରେ ପହଂଚିଯାଉଥିଲେ ଏବଂ ସେଠାରେ ସେମାନଙ୍କ ଚିକିତ୍ସା ଅତି ସହଜରେ ହୋଇଯାଉଥିଲା । ଅନେକ ଦରିଦ୍ର ବନ୍ଧୁମାନେ ମଧ୍ୟ ଏହା ସ୍ୱୀକାର କରିଛନ୍ତି ଯେ, ସେ ଆମ ଘରର ମୂରବୀ ପରି ଥିଲେ । ଆମେ ତାଙ୍କଠାରୁ କୌଣସି ପରାମର୍ଶ ବିନା କୌଣସି କାର୍ଯ୍ୟ କରୁନଥିଲୁ । ପୁନଶ୍ଚ କେବଳ ଅହେମଦୀ କାହିଁକି ଅଣଅହେମଦୀମାନେ ମଧ୍ୟ ତାଙ୍କଠାରୁ ପରାମର୍ଶ ନେଉଥିଲେ । ସେହିପରି ସେ କେତେକ ଅଣଅହେମଦୀ ପରିବାରର ପାରିବାରିକ କଳହ ଓ ଅନ୍ୟାନ୍ୟ ସମସ୍ୟାର ମଧ୍ୟ ସମାଧାନ କରୁଥିଲେ । କାରଣ ଯେଉଁ ସ୍ଥାନରେ ତାଙ୍କର କ୍ଲିନିକ ଅବସ୍ଥିତ ଥିଲା ସେଠାରେ ସେ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ ସମୟ ଧରି ପ୍ରଥମେ ସେମାନଙ୍କ ଗୁରୁଜନମାନେ ସେଠାକୁ ଆସୁଥିଲେ ଓ ପରେ ତାଙ୍କ ସନ୍ତାନମାନେ ଆସିବା ଆରମ୍ଭ କରିଦେଇଥିଲେ । କିନ୍ତୁ ଡ଼ାକ୍ତର ସାହେବ ମତେ ଅନେକ ଲୋକମାନଙ୍କର ଘଟଣା ସମ୍ପର୍କରେ କହୁଥିଲେ । କେତେକ ଅଣଅହେମଦୀ ଲୋକମାନେ ନିଜ ପିଲାମାନଙ୍କୁ ଏହି ଉପଦେଶ ଦେଇ ଶେଷ ନିଶ୍ୱାସ ତ୍ୟାଗ କରୁଥିଲେ ଯେ ପୁତ୍ର ତୁମେ ନିଜର ଯେକୌଣସି ସମସ୍ୟାର ସମାଧାନ କରିବା ସମୟରେ ଡ଼ାକ୍ତର ନକିବ୍ ସାହେବଙ୍କଠାରୁ ନିଶ୍ଚିତରୂପେ ପରାମର୍ଶ ନେବ ।

ପୁନଶ୍ଚ ସେ ଉଲ୍ଲେଖ କରିଛନ୍ତି ଯେ, ଗତବର୍ଷ ୨୦୧୯ ମସିହା ଜୁନ୍ ମାସର ଶେଷ ଯୁମାକୁ ଡ଼ାକ୍ତର ସାହେବ ଯୁମା ନମାଜ ପରେ ମୋ କାର୍ଯ୍ୟାଳୟକୁ ଆସିଲେ ଏବଂ କବାଟ ବନ୍ଦ କରି କହିଲେ ମୁଁ ତୁମକୁ ଗୋଟିଏ କଥା କହିବାକୁ ଚାହୁଁଛି ଏବଂ ଏହିକଥା କେବଳ ମୋ ସ୍ତ୍ରୀଙ୍କୁ ଜଣା ତାହା ହେଉଛି ମୁଁ ଚାରିଦିନ ପୂର୍ବେ ସ୍ୱପ୍ନ ଦେଖିଲି କି ଯୁଦ୍ଧ ଭୂମିରେ ଶବଗୁଡ଼ିକ ବିକ୍ଷିପ୍ତ ଅବସ୍ଥାରେ ପଡ଼ିରହିଛି ମୁଁ ସେଠାରେ ଛିଡ଼ା ହୋଇଛି । ମୁଁ ନିଜକୁ ପ୍ରଶ୍ନ କଲି କି ମୁଁ କାହିଁକି ଏହି ଶହୀଦ୍ ହୋଇଥିବା ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେଲିନାହିଁ । ତେବେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସ୍ୱର ଶୁଣାଗଲା କି ଯେଉଁ ବ୍ୟକ୍ତିଙ୍କ ଶରୀରେ ପାଂଚଗୋଟି କ୍ଷତ ଲାଗିଥିବ ସେ ବ୍ୟକ୍ତି ମଧ୍ୟ ଶହୀଦ ଅଟେ । ସେ କହନ୍ତି ଯେ ଯେତେବେଳେ ମୁଁ ପଛକୁ ଚାହିଁଲି ସେତେବେଳେ ମୁଁ ଦେଖିଲି କି ହଜ୍‌ରତ୍ ମସିହ ମଉଦ ଆ:ସ ଏକ ଉଚ୍ଚସ୍ଥାନରେ ଏକ ସୈନ୍ୟଦଳର ନେତୃତ୍ୱ ନେଇ ବିରାଜମାନ ହୋଇଛନ୍ତି । ଡ଼ାକ୍ତର ସାହେବ କୁହନ୍ତି କି ଯେତେବେଳେ ମୁଁ ମୋର କ୍ଷତଗୁଡ଼ିକ ଗଣିବା ଆରମ୍ଭ କଲି ସେତେବେଳେ ମୁଁ ଏହା ଅନୁଧ୍ୟାନ କଲି ଯେ, ମୋର ତିନୋଟି କ୍ଷତ ବହୁତ ଗଭୀର କ୍ଷତ ଥିଲା ଏବଂ ଗୋଟିଏ ଗୋଡ଼ ଉପରେ ଅଳ୍ପ ରାମ୍ପି ହେବା ଚିହ୍ନ ଥିଲା । ମୁଁ ଏହାକୁ ଦେଖି ବହୁତ ଇସ୍ତେଗ୍‌ଫାର୍ କରିବା ଆରମ୍ଭ କରିଦେଲି ଏହାପରେ ମୋର ଆଖି ଖୋଲିଗଲା ଏବଂ ମୁଁ ଏହା ଭାବୁଥିଲି କି ଏହାର ଅର୍ଥ କଣ ସେ କୁହନ୍ତି ଯେ, ମୋ ମନରେ ଅନେକ ପ୍ରକାର ଚିନ୍ତା ଉଙ୍କିମାରିଲା । ଯେ ଚାନ୍ଦାର ହିସାବ କରିବା ଉଚିତ ସେ କୁହନ୍ତି ମୋ ଦ୍ୱାରା ଅବହେଳା ହୋଇଛି । ପରବର୍ତୀ ଦିନ ଯେତେବେଳେ ସକାଳ ନମାଜପାଇଁ ଉଠିଲି ସେତେବେଳେ ମୋ ମନରେ ତିବ୍ର ଭାବରେ ଏହି ଭାବନାଟି ଆସିଲା କି ମୁଁ ବର୍ତମାନ ସୁଧା ହିସାବ କରିନାହିଁ । ସୁତରାଂ ସେ କୁହନ୍ତି ଯେ ଯେତେବେଳେ ସକାଳେ ଯାଇ ହିସାବ କଲି ସେତେବେଳେ ପ୍ରକୃତରେ କିଛି ପଇସା ବାକି ରହିଥିଲା । ସେ କୁହନ୍ତି ଯେ ଆଜି ମୁଁ ଦଶଲକ୍ଷ ଟଙ୍କାର ଚେକ୍ ସେକ୍ରେଟାରୀ ମାଲ୍ ସାହେବଙ୍କୁ ଦେଇ ଚାନ୍ଦା ପଇଠ କରିଦେଲି । ମୁଁ ସେହି ଦିନଠାରୁ ବହୁତ ଇସ୍ତେଗ୍‌ଫାର୍ କରୁଅଛି ।

ସେହିପରି ତାଙ୍କର ଭଣଜା ଅଜିଜୁର୍ ରହ୍‌ମାନ୍ ସାହେବଙ୍କ ସୁପୁତ୍ର ମୁଜିବୁର୍ ରହ୍‌ମାନ ସାହେବ୍, ଆଡ଼ଭୋକେଟ୍ କୁହନ୍ତି, ଯେ ପ୍ରାୟ ମୁଁ ତାଙ୍କଠାରୁ ତାଙ୍କ ପିଲାଦିନର ଅନୁଭୁତି ଏବଂ ସମ୍ପୁର୍ଣ୍ଣ ଜୀବନର ଘଟଣା ସମ୍ପର୍କରେ ଶୁଣିଛି । ସେ ଅତ୍ୟନ୍ତ କଷ୍ଟକର ପରିସ୍ଥିତିରେ ଅଲ୍ଲାଃ ତାଲାଙ୍କର କୃପା ଓ ଅଭିଭାବକଙ୍କ ଦୁଆ ବଳରେ ଡ଼ାକ୍ତର ହୋଇଥିଲେ । ସେ କହୁଥିଲେ ସେ ଏଭଳି ପରିସ୍ଥିତିରେ ମଧ୍ୟ ସମ୍ମୁଖୀନ ହୋଇଛନ୍ତି ଯେ ତାଙ୍କ ନିକଟରେ କାଗଜ କିଣିବାପାଇଁ ମଧ୍ୟ ପଇସା ନଥିଲା । ସେଭଳି କଠିନ ପରିସ୍ଥିତିରେ ସେ ବ୍ୟବହୃତ ହୋଇଯାଇଥିବା ଲଫାପାଗୁଡ଼ିକୁ ଏକତ୍ରିତ କରୁଥିଲେ ଓ ତାହାକୁ ଖୋଲି ତାହା ଉପରେ ନୋଟ୍ସ ପ୍ରସ୍ତୁତ କରୁଥିଲେ । ସେହିପରି ଗ୍ରାମରେ ଥିବା ସ୍କୁଲ୍‌ରେ ମଧ୍ୟ ଯେତେବେଳେ ସେ ପଢୁଥିଲେ ସେତେବେଳେ ଗଣିତ ଶିକ୍ଷକ ନଥିବାରୁ ସେ ଅନ୍ୟ ଗ୍ରାମକୁ ଯାଇ ସେଠାରୁ ଶିକ୍ଷା ହାସଲ କରୁଥିଲେ । ଏହାପରେ ସେ ନିଜ ଗ୍ରାମକୁ ଆସି ନିଜ ଶ୍ରେଣୀର ସହପାଠୀଙ୍କୁ ଶିକ୍ଷା ଦେଉଥିଲେ ।

ସେ ନିଜର ନିୟମିତ ନମାଜ ପଢ଼ିବାର ବୃତ୍ତାନ୍ତ ସମ୍ପର୍କରେ ବର୍ଣ୍ଣନା କରନ୍ତି ଯେ ଯେତେବେଳେ ମୁଁ ଛୋଟ ଥିଲି ସେତେବେଳେ ସେ ଓ ତାଙ୍କ ଭଉଣୀ ଖେଳୁ ଖେଳୁ ଇଶା ନମାଜ ନ ପଢ଼ି ଶୋଇଗଲେ । ସୁତରାଂ ଉକ୍ତ ଘଟଣାରୁ ହିଁ ତାଙ୍କର ନିୟମିତ ନମାଜ ପଢ଼ିବାର ଅଭ୍ୟାସ ଏମିତି ପଡ଼ିଲା କି ଏ ସକ୍ରାନ୍ତରେ ଏକ ରୋଚକପୂର୍ଣ୍ଣ ଘଟଣା ଏମିତି ଯେ ଯେତେବେଳେ ତାଙ୍କ ମାତା ତାଙ୍କୁ ପଚାରିଲେ ଯେ, ତୁମେ ପରା ଶୋଇପଡ଼ିଥିଲ ତୁମେ ନମାଜ ପଢ଼ିଦେଇଛ ସେତେବେଳେ ସେ ଉତର ଦେଲେ ହଁ ମୁଁ ପଢ଼ି ଦେଇଛି । ତେବେ ଡ଼କ୍ତର ସାହେବ କୁହନ୍ତି କି ମଧ୍ୟ ରାତ୍ରରେ ମୋ ମାତା ମତେ ଉଠାଇଲେ ସେତେବେଳେ ସେ କାନ୍ଦୁଥିଲେ । ଡ଼ାକ୍ତର ସାହେବଙ୍କୁ ତାଙ୍କ ମାତା ପଚାରିଲେ ଯେ, ନମାଜ ବିଷୟରେ ତୁମେ ମତେ ମିଛ କହିଲ, ତୁମେ ନମାଜ ପଢ଼ିନାହଁ । ଅଲ୍ଲାଃ ତାଲା ମତେ ଅର୍ଦ୍ଧ ଚେତନା ଅବସ୍ଥାରେ ସୁଚିତ କରିଦେଇଛନ୍ତି କି ତୁମ ପୁତ୍ର ନମାଜ ନ ପଢ଼ି ମିଛ କହିଛନ୍ତି । ସୁତରାଂ ଡ଼ାକ୍ତର ସାହେବ କୁହନ୍ତି ଯେ, ଏହା ପରଠାରୁ ସେ କେବେ ହେଲେ ନମାଜ ଛାଡ଼ି ନାହାନ୍ତି । ତେଣୁ ଏହା ଥିଲା ଜଣେ ସଚ୍ଚୋଟ ଓ ନୈଷ୍ଠିକ ଅହେମଦୀ ମାତାର ମର୍ଯ୍ୟାଦା ଏବଂ ଏହିପରି ହିଁ ସମସ୍ତ ଅହେମଦୀ ମାତାଙ୍କୁ ତାଙ୍କର ପ୍ରଭୁଙ୍କ ସହ ସମ୍ପର୍କ ରହିବା ଉଚିତ । କାରଣ ଅହେମଦୀ ମାତା ସର୍ବଦା ନିଜ ସନ୍ତାନର ନମାଜ ସଂସ୍କାର ପାଇଁ ଚିନ୍ତିତ ରହୁଥିଲେ ଏବଂ ଏଥିପାଇଁ ସେମାନେ ଦୁଆ ମଧ୍ୟ କରୁଥିଲେ ଏବଂ ଯେତେବେଳେ ଏହି ମାତାମାନେ ଅତ୍ୟନ୍ତ ବ୍ୟଥିତ ହୃଦୟ ହୋଇ ଦୁଆ କରୁଥିଲେ ସେତେବେଳେ ଅଲ୍ଲାଃ ତାଲା ସେମାନଙ୍କୁ ଏହି ଅର୍ଦ୍ଧ ଚେତନା ଅବସ୍ଥାରେ ସତ୍ୟତା ଚେତନ କରାଇ ଦେଉଥିଲେ ଯେ ତାଙ୍କର ସନ୍ତାନ ନମାଜ ପଢ଼ିନାହାନ୍ତି ତାଙ୍କୁ ସେ ଉଠାଉ ଥିଲେ ଓ ନମାଜ ପଢ଼ିବାକୁ କହୁଥିଲେ । ସେ କୁହନ୍ତି କି ଯଦି ଅଲ୍ଲାଃ ତାଲାଙ୍କ ସହିତ ଜୀବିତ ସମ୍ପର୍କ ସ୍ଥାପନ ନ ହୁଏ ତେବେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତର ପ୍ରକୃତ ଦାୟିତ୍ୱ ନିର୍ବାହ ହେବ ନାହିଁ । କାରଣ ହଜୁର ଆ:ସଙ୍କ ବୟତର ଅଭିପ୍ରାୟ ହିଁ ଅଲ୍ଲାଃ ତାଲାଙ୍କ ସହିତ ଜୀବିତ ସମ୍ପର୍କ ସ୍ଥାପନ କରିବା ଥିଲା ।

ଏହିପରି ଭାବରେ ତାଙ୍କର ଭଣଜା ଅତାଉର୍ ରହ୍‌ମାନ ସାହେବ କୁହନ୍ତି ଯେ, କୋରାନ୍ ଉପରେ ଦୂରଦର୍ଶୀ ଦୃଷ୍ଟି ରଖୁଥିଲେ ଏବଂ କୋରାନ୍ କରିମ୍‌ର ଗଭୀର ଅନୁଧ୍ୟାନ ଓ ପ୍ରଗାଢ଼ ଜ୍ଞାନର ଅଧିକାରୀ ଥିଲେ । ସେ ଦୀର୍ଘ ଓ ବଡ଼ ବଡ଼ ଆୟତ ମୁଖସ୍ତ କରିଦେଇଥିଲେ । ଆଜିକାଲି ପାକିସ୍ତାନର ପ୍ରତିକୂଳ ପରିସ୍ଥିତି ଥିବା ସତ୍ତ୍ୱେ ମଧ୍ୟ ଡ଼ାକ୍ତର ସାହେବ୍ ଅହେମଦୀ ବିରୋଧି ଗୋଷ୍ଠୀଙ୍କୁ ଜଲ୍‌ସା ସାଲାନା ଅବସରରେ ନିଜ ଗୃହକୁ ନିମନ୍ତ୍ରଣ କରି ଖୁତ୍‌ବା ଶୁଣାଉଥିଲେ । ତେଣୁ ତାଙ୍କର ତବ୍‌ଲିଗ୍‌ରୁ ଅନେକ ଲୋକ ପ୍ରଭାବିତ ହୋଇଥିଲେ ଏବଂ ଅଲ୍ଲାଃ ତାଲାଙ୍କ କୃପାରୁ ତାଙ୍କ ମାଧ୍ୟମରେ ଅନେକ ବୟତ ମଧ୍ୟ ହୋଇଥିଲା । ଅଲ୍ଲାଃ ତାଲା ସ୍ୱର୍ଗର୍ତଙ୍କ ସ୍ତର ବୈକୁଣ୍ଠରେ ଉନ୍ନୁକ୍ତ କରନ୍ତୁ ।

ପରବର୍ତୀ ବ୍ୟକ୍ତି ଯାହାଙ୍କ ଚର୍ଚ୍ଚା ହେବ ସେ ହେଉଛନ୍ତି ଗୁଲାମ୍ ମୁସ୍ତଫା ସାହେବ୍ ଯିଏ କି ଲଣ୍ଡନର ଅଧିବାସୀ ଥିଲେ ଏବଂ ସେ ଏଠାକୁ ଅର୍ଥାତ ଟେଲଫୋର୍ଡ଼କୁ ସ୍ଥାନାନ୍ତରିତ ହୋଇଥିଲେ । ସେ ୟୁକେ ର ପ୍ରାଇଭେଟ ସେକ୍ରେଟରୀ କାର୍ଯ୍ୟଳୟରେ ସ୍ୱେଚ୍ଛାକୃତ କର୍ମଚାରୀ ଥିଲେ । ତାଙ୍କର ଦେହାନ୍ତ ଅପ୍ରେଲ ମାସ ୨୫ ତାରିଖ ଦିନ ୬୯ ବର୍ଷ ବୟସରେ ହୋଇଥିଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍*

ସେ ୧୯୪୩ ମସିହାରେ ଖଲିଫା ସାନିଙ୍କ ସମୟରେ ବୟତ କରିଥିଲେ ଏବଂ ୧୯୮୬ ମସିହାରେ ଲଣ୍ଡନକୁ ଆସିଥିଲେ ଏବଂ ମସ୍‌ଜିଦ୍‌ରେ ରହିଥିଲେ । ଆସିବା ମାତ୍ରେ ଓ୍ୱକଫ୍ ପାଇଁ ଆବେଦନ କରିଥିଲେ କାରଣ ସେ ଅତି ସ୍ୱଳ୍ପ ଶିକ୍ଷିତ ଥିବା କାରଣରୁ ତାଙ୍କର ଓ୍ୱକ୍‌ଫ ଗ୍ରହଣ ହୋଇନଥିଲା । କିନ୍ତୁ ଜଣେ ଓ୍ୱକ୍‌ଫେ ଜିନ୍ଦେଗୀ ହିସାବରେ ସେ ପ୍ରଥମେ ରୋଷେଇଶାଳା ଓ ପରେ କାର୍ଯ୍ୟାଳୟରେ କର୍ତବ୍ୟ ସମ୍ପାଦନ କରିଥିଲେ । ଏପରିକି ଯେତେବେଳେ ସେ ବ୍ୟବସାୟ ଆରମ୍ଭ କଲେ ଅଲ୍ଲାଃ ତାଲାଙ୍କ କୃପାରୁ ତାଙ୍କର ବ୍ୟବସାୟରେ ବୃଦ୍ଧି ଘଟିଲା । ସେ ଖାଲି ହାତରେ ଆସିଥିଲେ । ଏହାପରେ ଅଲ୍ଲାଃ ତାଲା ତାଙ୍କୁ ବ୍ୟବସାୟ ବାଣିଜ୍ୟରେ ଏତେ ବର୍‌କତ୍ ଦେଲେ କି କିଛି ଦିନ ମଧ୍ୟରେ ସେ ସମ୍ପତି କିଣିବାକୁ ସମର୍ଥ ହୋଇଥିଲେ । ଏହି ସମ୍ପତିରୁ ପୁଣି ସେ ଆହୁରି ସମ୍ପତି କିଣିବାକୁ ସକ୍ଷମ ହୋଇଥିଲେ ଏବଂ ଏହିପରି ଭାବରେ ଅଲ୍ଲାଃ ତାଲା ତାଙ୍କ ସମ୍ପତିରେ ବର୍‌କତ୍ ପ୍ରଦାନ କରିଥିଲେ । ଏହି ସମ୍ପତିକୁ ସେ ଗରୀବ ଲୋକମାନଙ୍କ ନିମନ୍ତେ ଖର୍ଚ୍ଚ କରୁଥିଲେ । ସେହିପରି ଭାବରେ ଯମାତ୍ ନିମନ୍ତେ ଖର୍ଚ୍ଚ କରୁଥିଲେ କିନ୍ତୁ ମୁଁ କହୁଥିଲି ଯେ ସେ ଏପରି ଜୀବନଯାପନ କରୁଥିଲେ ଯେପରି ଜଣେ ଓ୍ୱକ୍‌ଫେ ଜିନ୍ଦଗୀ ଭାବରେ ନିଜ ଜୀବନକୁ ଅତିବାହିତ କରିଥାଏ । ତାଙ୍କର ଖିଲାଫତେ ରାବିୟାରେ ମଧ୍ୟ ଏହିପରି ତାଙ୍କର ଚଳନି ରହିଥିଲା ଏବଂ ମୋ ଖିଲାଫତ୍ ସମୟରେ ମଧ୍ୟ ଯେତେବେଳେ ସେ କୌଣସି ବାଣିଜ୍ୟ ପ୍ରସଙ୍ଗରେ କାର୍ଯ୍ୟାଳୟରୁ ଅନ୍ୟ କୌଣସି ଦେଶକୁ ଯାଉଥିଲେ କିମ୍ବା ଦୀର୍ଘ ଅବଧି ପାଇଁ ଛୁଟି ଆବଶ୍ୟକ ହେଉଥିଲା ସେତେବେଳେ ନିୟମିତ ଛୁଟି ନେବା ପାଇଁ ଦରଖାସ୍ତ କରୁଥିଲେ ଯେ ମୋର ଛୁଟି ଦରକାର କାରଣ ମୁଁ ଅମୁକ ସ୍ଥାନକୁ ଯାଉଛି ଓ ସେ ଓ୍ୱକ୍‌ଫେ ଜିନ୍ଦଗୀ ପରି କାର୍ଯ୍ୟ କରୁଥିଲେ ଓ କହୁଥିଲେ ଯେ ମୁଁ ତ ଓ୍ୱକ୍‌ଫ୍ ଜିନ୍ଦଗୀ ନୁହେଁ କିନ୍ତୁ ମୁଁ ନିଜକୁ ଓ୍ୱକ୍‌ଫ ଜିନ୍ଦଗୀ ଭଳି ମଣୁଅଛି । ସେ ଯାହା ହେଉ ନା କାହିଁକି ସେ ଅତ୍ୟନ୍ତ ବିଶ୍ୱସ୍ତତାର ସହ ନିଜ ଶପଥକୁ ପୂରଣ କରିଥିଲେ ଓ ଓ୍ୱକ୍‌ଫେ ଜିନ୍ଦଗୀ ହୁଅନ୍ତୁ ବା ନ ହୁଅନ୍ତୁ କିନ୍ତୁ ଅଲ୍ଲାଃ ତାଲାଙ୍କ ସହିତ କରିଥିବା ଶପଥ ଓ ପ୍ରତିଜ୍ଞାକୁ ସେ ପୂରଣ

କରିଥିଲେ ।

ମସ୍‌ଜିଦ୍‌ରେ ରହିବା ସମୟରେ ତାଙ୍କୁ କେହି ହୋଟେଲ୍‌ରେ ଜବ୍ କରିବାକୁ ପଠାଇଥିଲେ । ସେଠାରେ ତାଙ୍କୁ ୱେଟର୍‌ର କାମ ମିଳିଥିଲା କିନ୍ତୁ ତାଙ୍କୁ ଏହି ବୃତି ଭଲ ଲାଗିଲା ନାହିଁ ତେଣୁ ପରବର୍ତୀ ଦିନ ସେ ଏହି କାମ ଛାଡ଼ି ଦେଇଥିଲେ । ସେ କୁହନ୍ତି ଯେ ମୁଁ ଭାବିଲି ଯେ ଏହି କାମଠାରୁ ଏହା ଭଲ ଯେ, ବିନା କୌଣସି କାମ ନ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଲଙ୍ଗରରେ ବାସନ ମାଜିବା ଠିକ୍, ଯେତେବେଳେ କି ମତେ ପଇସା ବି ମିଳୁଅଛି । ପୁନଶ୍ଚ ସେ ଶାହା ୱଲି ସାହେବଙ୍କ ସହିତ ମସ୍‌ଜିଦ୍ ଫଜଲ୍‌ରେ ରୋଷଶାଳାରେ କାମ ଆରମ୍ଭ କରିଦେଇଥିଲେ ଏହାପରେ ସେ କିଛି କାଳ ପାଇଁ ହିଫାଜତେ ଖାସ୍‌ରେ ମଧ୍ୟ ଡ଼୍ୟୁଟି ଦେଇଥିଲେ । ୧୯୯୩ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ରାବେ ତାଙ୍କୁ ପିଏସ୍ କାର୍ଯ୍ୟାଳୟରେ ଡ୍ୟୁଟି ପାଇଁ ମୁତୟନ କରିଥିଲେ । ସେବେଠାରୁ ଆଜି ପର୍ଯ୍ୟନ୍ତ ଅତନ୍ତ୍ୟ ଆନନ୍ଦର ସହ ଡ୍ୟୁଟି ପ୍ରଦାନ କରିଥିଲେ । ସ୍ୱଗର୍ତି ଗୁଲାମ୍ ମୁସ୍ତଫା ସାହେବ୍ ମୁସି ଥିଲେ । ମୃତକଙ୍କ ପରିବାରରେ ତାଙ୍କ ସ୍ତ୍ରୀଙ୍କ ବ୍ୟତିତ ତାଙ୍କର ଦୁଇ ପୁତ୍ରୀ ଓ ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି ।

ତାଙ୍କ ପତ୍ନୀ ମେହମୁଦ୍‌ା ମୁସ୍ତଫା ସାହେବ୍ ଉଲ୍ଲେଖ କରନ୍ତି ଯେ, ମୋର ଓ ମୁସ୍ତଫା ସାହେବଙ୍କ ପ୍ରାୟ ୩୪ ବର୍ଷ ପର୍ଯ୍ୟନ୍ତ ସମ୍ପର୍କ ରହିଥିଲା ଏବଂ ମୁଁ ଏହି ସମସ୍ତ ବର୍ଷର ସାକ୍ଷ୍ୟ ଦେଇପାରିବି ଯେ ତାଙ୍କର ପ୍ରତ୍ୟେକ ପଦକ୍ଷେପ ଅଲ୍ଲାଃ ତାଲାଙ୍କ ପାଇଁ ଥିଲା । ଅନେକ ଗୁଣର ଅଧିକାରୀ ଥିଲେ ଏବଂ ସେ ଏକାଧାରରେ ଜଣେ ନୈଷ୍ଠିକ ସ୍ୱାମୀ, ପିତା ଓ ସାଥି ଥିଲେ । ସେ ସର୍ବଦା ବନ୍ଧୁତ୍ୱ ନିର୍ବାହ କରୁଥିଲେ । ସେ ଅତ୍ୟନ୍ତ ଦୁରଦର୍ଶୀ ବ୍ୟକ୍ତି ଥିଲେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଃସ୍ୱାର୍ଥ ହୋଇ ସାହାଯ୍ୟ କରୁଥିଲେ । ସେ ନିର୍ଭିକ ତଥା ସାହାସୀ ବ୍ୟକ୍ତି ଥିଲେ । ଖିଲାଫତ୍ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେବା ପାଇଁ ତାଙ୍କର ଅସ୍ତିତ୍ୱ ପ୍ରସ୍ତୁତ ହୋଇ ରହିଥିଲା । ସେ କୁହନ୍ତି କି ଯେତେବେଳେ ମୁଁ ପାକିସ୍ତାନରେ ବୟତ କରିଥିଲି ସେତେବେଳେ ମୁଁ ଏହି ଶପଥ କରିଥିଲି କି ମୁଁ ସର୍ବଦା ଖଲିଫାଙ୍କ ନିକଟରେ ରହିବି । ଯେତେବେଳେ ସେ ଏହି ଶପଥ କରିଥିଲେ ସେତେବେଳେ ତାଙ୍କ ନିକଟରେ କୌଣସି ଆର୍ଥିକ ସମ୍ବଳ ନଥିଲା । କିନ୍ତୁ ଏହା ସତ୍ତ୍ୱେ ବି ଅଲ୍ଲାଃ ତାଲାଙ୍କ କୃପାରୁ ତାଙ୍କର ଏହି ଶପଥକୁ ସେ ପୂରଣ କରିଥିଲେ । ଯଦ୍ୱାରା ଅଲ୍ଲାଃ ତାଲା ମଧ୍ୟ ତାଙ୍କୁ ସହାୟ ହୋଇଥିଲେ । ସେ ଆର୍ଥିକ ବଳିଦାନ ପାଇଁ ସର୍ବଦା ପ୍ରସ୍ତୁତ ହୋଇ ରହିଥିଲେ । ତାଙ୍କ ପତ୍ନୀ କୁହନ୍ତି ମୋର ମନେ ଅଛି ଯେତେବେଳେ ମୋର ପୁତ୍ର ଜନ୍ମ ହୋଇଥିଲା ସେତେବେଳେ ମୁଁ ତାଙ୍କୁ କହିଥିଲି କି ମୁଁ ଭାବୁଛି ଯେ ମୋର ଅଧା ଅଳଙ୍କାର ମୁଁ ଯମାତ୍‌କୁ ଦାନ କରିଦେବି । ସେତେବେଳେ ସେ ମତେ କହିଲେ ଅଧା କାହିଁକି ସମ୍ପୁର୍ଣ୍ଣ ପ୍ରଦାନ କରିଦିଅ । ସେ କୁହନ୍ତି ଯେ, ପ୍ରାରମ୍ଭିକ ସମୟର କଥା ହେବା ସେତେବେଳେ ଆଫ୍ରିକାରେ ମସ୍‌ଜିଦ୍ ନିର୍ମାଣ ପାଇଁ ଆହ୍ୱାନ ହେଲା ସେତେବେଳେ ତାଙ୍କ ପାଖରେ ଘରଟିଏ ମଧ୍ୟ ନଥିଲା । କିନ୍ତୁ ସେ ଯାହା କିଛି ପଇସା ଏକତ୍ରିତ କରୁଥିଲେ ତାହାକୁ ସେ ମସ୍‌ଜିଦ୍ ପାଇଁ ଚାନ୍ଦା ସ୍ୱରୁପ ଦେଇ ଦେଇଥିଲେ ଏବଂ ସେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କୌଣସି ଅର୍ଥ ବୟ କରୁନଥିଲେ । କେବଳ ଆବଶ୍ୟକତା ଅନୁଯାୟୀ ସେ ବ୍ୟକ୍ତିଗତ ସ୍ୱାର୍ଥପାଇଁ ଖର୍ଚ୍ଚ କରୁଥିଲେ କିନ୍ତୁ ଅନ୍ୟମାନଙ୍କ ଉପରେ ଖର୍ଚ୍ଚ କରିବାକୁ ସେ କେବେ ହେଲେ କୁଣ୍ଠାବୋଧ କରୁନଥିଲେ । ସେ ସର୍ବଦା ଧର୍ମକୁ ପ୍ରାଧାନ୍ୟ ଦେଉଥିଲେ ଅନ୍ୟପଟରେ ଜଣେ ସଚ୍ଚୋଟ ବିଶ୍ୱାସକାରୀ ପରି ଧର୍ମ ଓ ସାଂସାରିକତା ଉପର୍ଜନ କରିଥିଲେ । ସେ ପ୍ରତ୍ୟେକ କାର୍ଯ୍ୟରେ ମତେ ସାଙ୍ଗରେ ରଖୁଥିଲେ କାରଣ ମୁଁ ଯେପରି ପ୍ରତ୍ୟେକ ବସ୍ତୁ ସମ୍ପର୍କରେ ଜାଣିପାରେ ଏବଂ ମୋ ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଥିଲା । ପୁନଶ୍ଚ ତାଙ୍କ ପତ୍ନୀ କୁହନ୍ତି ଯେ, ମୁସ୍ତଫା ନିଜ ପରିବାରରେ ଏକମାତ୍ର ଅହେମଦୀ ଥିଲେ । ଯେତେବେଳେ ସେ ଅହେମଦୀ ହେଲେ ସେତେବେଳେ ନିଜ ତରଫରୁ ଏହି ଶପଥ କଲେ ମୁଁ କେତେବେଳେ ପୈତୃକ ସମ୍ପତି ଭାଗ ନେବିନାହିଁ ଏବଂ ସେ ଦୁଆ କଲେ କି ହେ ଅଲ୍ଲାଃ ଯଦି ତୁମର ମସିହ୍ ସତ୍ୟ ଅଟନ୍ତି ଓ ମୁଁ ସତ୍ୟ ଧର୍ମରୁପେ ତାଙ୍କର ବୟତ କରିଛି ତେବେ ତୁମ୍ଭେ ମତେ ନିଜ ତରଫରୁ ଧନ ଓ ଐଶ୍ୱର୍ଯ୍ୟ ପ୍ରଦାନ କର ଏବଂ କେବେ ହେଲେ ଅଭାବ ରହିବାକୁ ଦିଅନାହିଁ । ସୁତରାଂ ଅଲ୍ଲାଃ ତାଲା ତାଙ୍କର ଏହି ପ୍ରାର୍ଥନା ତଥା ଇଚ୍ଛାକୁ ସ୍ୱୀକାର କଲେ ଏବଂ ଏହା ପ୍ରମାଣିତ କଲେ କି, ତୁମେ ବୟତର ଯେଉଁ ପଦକ୍ଷେପ ନେଇଛ ତାହା ବାସ୍ତବରେ ସତ୍ୟ ଅଟେ । ଅଲ୍ଲାଃ ତାଲା ତାଙ୍କୁ ବିଭିନ୍ନ ପନ୍ଥା ମାଧମରେ ସାହାଯ୍ୟ ମଧ୍ୟ କରିଥିଲେ ନିଜ ଗ୍ରାମରେ ଏକ ବୃହତ ମସ୍‌ଜିଦ୍ ନିର୍ମାଣ କରିଥିଲେ । କାରଣ ଦିନେ ନା ଦିନେ ଏହି ଲୋକମାନେ ଅହେମଦୀ ହେବେ ଏବଂ ଏହା ବ୍ୟତିତ ନିଜର ପରିଜନମାନଙ୍କ ଭାଇଭଉଣୀମାନଙ୍କୁ ମଧ୍ୟ ବିଭିନ୍ନ ପନ୍ଥା ମାଧମରେ ସାହାଯ୍ୟ କରିଆସୁଥିଲେ । ତାଙ୍କ ପତ୍ନୀ କୁହନ୍ତି ଯେ, ନିଜର ଦୁଆ ଗ୍ରହଣୀୟ ହେବାପରେ ମଧ୍ୟ ତାଙ୍କର ଅତୁଟ ବିଶ୍ୱାସ ରହିଥିଲା । ଏହିପରି ଅନେକ ଘଟଣା ତାଙ୍କ ପତ୍ନୀ ଉଲ୍ଲେଖ କରିଛନ୍ତି ।

ତାଙ୍କ ସୁପୁତ୍ରୀ ସବିହା ମୁସ୍ତଫା ଉଲ୍ଲେଖ କରିଛନ୍ତି ଯେ ମୋ ପିତାଙ୍କର ଏହା ହିଁ ଏକ ମାତ୍ର ଲକ୍ଷ ଥିଲା ଯେ, ଅଲ୍ଲାଃ ତାଲାଙ୍କ ସତା ସହିତ ପ୍ରେମପୂର୍ଣ୍ଣ ଭାବ ଓ ତାଙ୍କର ସ୍ଥାପିତ ନିଜାମେ ଖିଲାଫତ୍ ସହିତ ପ୍ରେମ ସମ୍ପର୍କ ରଖିବା । ଅଲ୍ଲାଃ ତାଲାଙ୍କ ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ରହିଥିଲା । ସେ ଆମମାନଙ୍କୁ ଅନେକଥର ଏହା କହୁଥିଲେ କି ମୁଁ ଅମକ ଅବସରରେ ଏହି ଦୁଆ କଲି କି ଏହିପରି ଭାବରେ ପୂର୍ଣ୍ଣ ହେଲା । ସେ ସର୍ବଦା ଏହା ଚେଷ୍ଟା କରୁଥିଲେ କି କେଉଁଆଡ଼ୁ ମତେ ଖଲିଫାଙ୍କ ତରଫରୁ ତବରୁକ୍ ମିଳିଯାଉ କି ମୁଁ ତହିଁରୁ ମୋର ଆବଶ୍ୟକ ମୁତାବକ ରଖିଦେଇ ବାକି ଅଳ୍ପ ଅଳ୍ପ କରି ଲୋକମାନଙ୍କ ମଧ୍ୟରେ ବାଂଟି ଦେବି କାରଣ ସେମାନେ ମଧ୍ୟ ଏହି ତବ୍‌ରୁକ୍‌ରୁ ଉପକୃତ ହେବେ । ସେ ତବ୍‌ରୁକ୍ ଏହି ଉଦ୍ଦେଶ୍ୟ ରଖି ଘରେ ଏକତ୍ରିତ କରିଥିଲେ ଯେ ଜଲ୍‌ସାରେ ଅତିଥିମାନଙ୍କୁ ମଧ୍ୟ ତହିଁରୁ କିଛି ଅଂଶ ପ୍ରଦାନ କରିଦେବେ । ସେ କୁହନ୍ତି ଯେ ମୋ ପିତା ଓ ସମସ୍ତ ପରିଚିତ ବ୍ୟକ୍ତିମାନେ ମୋ ଫୋନ ମାଧ୍ୟମରେ ଜଣେଇଲେ କି ଆମେ ଏପରି ଅନୁଭବ କରୁଛୁ ଯେ ଆମେମାନେ ଆଉଥରେ ଅନାଥ ହୋଇଯାଇଛୁ । ସେ ଦରିଦ୍ର ତଥା ଗରିବମାନଙ୍କୁ ସାହାଯ୍ୟ କରୁଥିଲେ ତଥା ତାଙ୍କ ପୁତ୍ରୀ କୁହନ୍ତି ଯେତେବେଳେ ଆମେ ଲଣ୍ଡନରେ ଥିଲୁ ସେତେବେଳେ ଟୋଟିଙ୍ଗ୍‌ରୁ ଗ୍ରିସେନ୍ ରୋଡ଼୍ ହଲ୍‌କୁ ସ୍ଥାନାନ୍ତରିତ ହୋଇଥିଲୁ । ତେବେ ବାପାଙ୍କର ଏହି ପ୍ରଚେଷ୍ଟା ଥିଲା କି ଶୀଘ୍ର କୌଣସି ଗୋଟେ ବଡ଼ ଘରଟେ ମିଳିଯାଉ କାରଣ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନଙ୍କର ଭରପୁର ଭାବରେ ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହେବ ଏବଂ ସେ ସର୍ବଦା କହୁଥିଲେ ଯେ ଯଦି ଘରଟିଏ ନବାର ଅଛି ତେବେ ଖିଲାଫତ୍‌ଙ୍କ ଛତ୍ରଛାୟା ତଳେ ନେବା ଉଚିତ । ସେଠାରୁ କେବେ ହେଲେ ଦୂରକୁ ନେବା ଉଚିତ ନୁହେଁ । ତାଙ୍କ ପୁତ୍ର କୁହନ୍ତି ଯେ ମୋ ପିତା ଅତ୍ୟନ୍ତ ନିଷ୍ପାପର ହୋଇ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାହାଯ୍ୟ କରୁଥିଲେ ଯଦି କୌଣସି ବ୍ୟକ୍ତି ଦୁଃଖ କିମ୍ବା କଷ୍ଟରେ ପିଡ଼ୀତ ହେଉଥିଲେ ତେବେ ସେ ତାହାର ଶୁଭକାମନା ପାଇଁ ଯଥା ସମ୍ଭବ ଚେଷ୍ଟା କରୁଥିଲେ ବେମାର ପଡ଼ିବା ପୂର୍ବରୁ ସେ ମତେ ଏହି ଉପଦେଶ ଦେଇଥିଲେ କି ତୁମେ ସର୍ବଦା ଯମାତ୍ ସହିତ ଜଡ଼ିତ ରହିବ । ନମାଜ ପଢ଼ିବା, କୋରାନ୍ ର ନିୟମିତ ତିଲାୱତ୍ କରିବ ତେବେ ଯାଇ ଅଲ୍ଲାଃ ତାଲା ତୁମକୁ ସହାୟ ହେବେ ।

ତାଙ୍କର ଦ୍ୱିତୀୟ ପୁତ୍ରୀ ମଦିହା ମୁସ୍ତଫା କୁହନ୍ତି, ନିଃସନ୍ଦେହ ମୋ ବାପା ଏକ ଗ୍ରାମରୁ ଆସିଥିଲେ ଏବଂ ସେ ଉଚ୍ଚ ଶିକ୍ଷିତ ନଥିଲେ । କିନ୍ତୁ ତାଙ୍କର ଉଚ୍ଚ ଆକାଂକ୍ଷା ତଥା ମନୋବଳ ଓ ଦୁରଦର୍ଶିତା ଏବଂ ଜୀବନର ଆଦର୍ଶ ହିଁ ତାଙ୍କୁ ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କଠାରୁ ଆଗେଇ ନେଇଥିଲା । ଆଜରି ଯୁଗରେ ଏପରି ବହୁତ କମ୍ ବ୍ୟକ୍ତି ଥିବେ ଯେଉଁମାନେ ପ୍ରକୃତ ଅର୍ଥରେ ନାରୀ ଓ ପୁରୁଷଙ୍କୁ ସମାନ ମର୍ଯ୍ୟାଦା ଦେଇଥାନ୍ତି । ସେ ନିଜ କନ୍ୟାମାନଙ୍କୁ କେବେ ହେଲେ ବୋଝ ଚିନ୍ତା କରିନଥିଲେ ବରଂ ବହୁବାର କହୁଥିଲେ କି ଯାହାର ପୁତ୍ରୀ ହେଲା ତା'ର ଭେଳା ପାର ହୋଇଗଲା ଓ ତା'ର କାମ କରିବାର ଦିନ ସରିଗଲା ଓ ବିଶ୍ରାମର ଦିନ ଆରମ୍ଭ ହେଲା ।

ତାଙ୍କ ପୁତ୍ରୀ କୁହନ୍ତି କି ସେ ନିଜର ପୁତ୍ରୀ ଓ ପୁତ୍ରଙ୍କୁ ସମାନରୂପେ ଶିକ୍ଷା ଓ ସଂସ୍କାର କର୍ତବ୍ୟ ସୁଚାରୁରୂପେ ନିର୍ବାହ କରିଛନ୍ତି । ଏଥିରେ ସେ କୌଣସି ଚେଷ୍ଟାକୁ ହାତଛଡ଼ା କରିନଥିଲେ । ଏଥିସହ ନିଜର ସନ୍ତାନମାନଙ୍କ ସହିତ ପ୍ରେମ ବ୍ୟତିତ ଅଲ୍ଲାଃ ତାଲାଙ୍କ କର୍ତବ୍ୟ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

ଓ ଭକ୍ତଙ୍କ କର୍ତବ୍ୟରୁ ସାମାନ୍ୟ ବିଚୁତ ମଧ୍ୟ ହୋଇନଥିଲେ । ଇଦ୍ ପର୍ବ ହେଉ ବା ବିବାହ ସମାରୋହ ଅବା ଅନ୍ୟ କୌଣସି ପର୍ବ ସେ କେବେ ହେଲେ ନମାଜ ଛାଡ଼ିନଥିଲେ । ସେ ଅଲ୍ଲାଃ ତାଲାଙ୍କ ଉପରେ ଅତୁଟ ବିଶ୍ୱାସ ରଖୁଥିଲେ । ସେ ଜାଣିଥିଲେ ଯଦି ଅଲ୍ଲାଃ ତାଲାଙ୍କ ଉପରେ ଅତୁଟ ଭରଷା କରାଯାଏ ତେବେ କୌଣସି କାର୍ଯ୍ୟ ଅସାଧ ହେବ ନାହିଁ କିନ୍ତୁ ଯଦି କୌଣସି କଥା ପ୍ରତି ଚିନ୍ତିତ ଥିଲେ ତାହା ଏହି କି ଯେ, ତାଙ୍କର ଉପାସନାର କୌଣସି ତ୍ରୁଟି ରହିଯାଇ ଅଲ୍ଲାଃ ତାଲାଙ୍କ କ୍ଷୁବ୍ଧର କାରଣ ସାବ୍ୟସ୍ତ ନ ହେଉ ।

ତାଙ୍କ ପୁତ୍ର ସାର୍‌ଫରାଜ୍ ମେହମୁଦ୍ ସାହେବ୍ କୁହନ୍ତି ଯେତେବେଳେ ଆମେ ଟୋଟଙ୍ଗ୍‌ରେ ରହୁଥିଲୁ ସେତେବେଳେ ମଧ୍ୟ ସେ ନିୟମିତ ନମାଜ ପଢ଼ିବାପାଇଁ ମସ୍‌ଜିଦ୍ ଫଜଲ୍ କୁ ଯାଉଥିଲେ । ଯଦି କୌଣସି କାରଣ ବସତଃ ସେ ମସ୍‌ଜିଦ୍‌ରେ ନମାଜ ପଢ଼ିପାରୁନଥିଲେ ତେବେ ଏହା ସୁନିଶ୍ଚିତ କରୁଥିଲେ କି ଆମେମାନେ ସମସ୍ତେ ଏକାଠି ହୋଇ ବାଯମାତ୍ ଘରେ ନମାଜ ପଢ଼ିବୁ । ସର୍ଫରାଜ ସାହେବ କୁହନ୍ତି କି ଜୀବନରେ ତୁମେ ଯେ କୌଣସି ବସ୍ତୁକୁ ପ୍ରାପ୍ତ କରିବାକୁ ଚାହୁଁଛ ତେବେ କେବଳ ଅଲ୍ଲାଃ ତାଲାଙ୍କର ହିଁ ଏକମାତ୍ର ସତ୍ା ରହିଛି, ଯିଏ ତାହାକୁ ପୂରଣ କରିପାରିବେ । ଯଦି ନମାଜର ସମୟ ହୋଇଯାଇଥାଏ ତେବେ ସେ ସବୁ କାମ ଛାଡ଼ି ପ୍ରଥମେ ନମାଜ ପାଠ କରୁଥିଲେ । ପୁନଶ୍ଚ ତାଙ୍କର ଏହି ପୁତ୍ର କୁହନ୍ତି ମତେ ୧୫ ବର୍ଷ ହେବା ପର୍ଯ୍ୟନ୍ତ ଫଜର୍ ନମାଜ ପଢ଼ିବାପାଇଁ ସାଙ୍ଗରେ ଆଣୁଥିଲେ । ତାଙ୍କରି ଦୁଆ ବଳରେ ଆମମାନଙ୍କୁ ବର୍‌କତ୍ ଲାଭ ହୋଇଛି ଏବଂ ଯେତେବେଳେ ସେ ମସ୍‌ଜିଦ୍‌ରୁ ଫଜର୍ ନମାଜ ପଢ଼ି ଘରକୁ ଫେରୁଥିଲେ ସେତେବେଳେ ସେ ଏହା ନିରୀକ୍ଷଣ କରୁଥିଲେ ଯେ ମୁଁ ମସ୍‌ଜିଦ୍ ଯାଇଛି କି ନାହିଁ । ଯଦି କୌଣସି ସମୟରେ ଅବହେଳା ହୋଇଯାଉଥିଲା ତେବେ ସେ କହୁଥିଲେ ଅଲ୍ଲାଃ ତାଲାଙ୍କ ସହିତ ବିଶ୍ୱାସଘାତକତା କରିବାଦ୍ୱାରା ହିଁ କେବଳ ତୁମର କ୍ଷତି ସାଧନ ହେବ । ଅଲ୍ଲାଃ ତାଲାଙ୍କୁ ତୁମ ନମାଜର କୌଣସି ଆବଶ୍ୟକତା ନାହିଁ । ପ୍ରତ୍ୟେକ ବ୍ୟକ୍ତି ନିଜପାଇଁ ହିଁ ନମାଜ ପଢ଼ିଥାଏ । ବାପାଙ୍କର ଅସୁସ୍ଥତା ଯୋଗୁଁ ଯେତେବେଳେ ଆମେ ଆମ୍ବୁଲାନ୍ସ ଡ଼କାଇଲୁ ସେତେବେଳେ ସେ ଅତ୍ୟନ୍ତ ଗଭୀର ଶବ୍ଦରେ ନିଶ୍ୱାସପ୍ରଶ୍ୱାସ ନେଉଥିଲେ କିନ୍ତୁ ସେତେବେଳେ ମଧ୍ୟ ସେ ଶୋଇବା ଓ ବସିବା ପରିବର୍ତେ ଛିଡ଼ା ହୋଇ ନମାଜ ପଢୁଥିଲେ ଓ ଯେତେବେଳେ ସେ ଡ଼ାକ୍ତରଖାନାରେ ପାହାଚରୁ ଓହ୍ଲାଇଲେ ସେତେବେଳେ ମଧ୍ୟ ସେ ବାରମ୍ବାର ଏହା କହୁଥିଲେ କି ନମାଜକୁ ସର୍ବଦା ବାଯମାତ୍ ଓ ଠିକ୍ ସମୟରେ ପଢ଼ିବା ଉଚିତ ।

ପୁନଶ୍ଚ ତାଙ୍କର ଅନ୍ୟ ଏକ ସୁଗୁଣ ଏହା ଥିଲା ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନଙ୍କୁ ସତ୍କାର କରିବା । ତାଙ୍କର ଏକ ବଡ଼ ଘରଟିଏ ଥିଲା ଯେଉଁଠାରେ ଚାଳିଶିଜଣ ଅତିଥି ରହିପାରିବାର ସମ୍ଭାବନା ରହିଥିଲା । ଏଠାରେ ଯେତେବେଳେ ମସ୍‌ଜିଦ୍ ପାଖକୁ ଆସିଲେ ସେତେବେଳେ ତାଙ୍କର ଛୋଟଘରଟିଏ ଥିଲା ଯେଉଁଠି ୨୫ଜଣ ଅତିଥିମାନଙ୍କର ରହିବା ପାଇଁ ସ୍ଥାନ ଥିଲା କାରଣ ସେହି ଘରେ ୨୫ ଜଣ ଅତିଥି ପାଇଁ ହିଁ ରହିବାର ବ୍ୟବସ୍ଥା ରହିଥିଲା । କିନ୍ତୁ ସେ ଯାହା ହେଉ ନା କାହିଁକି ସେ ପ୍ରସନ୍ନଚିତ ହୋଇ ଅତିଥି ସେବା କରୁଥିଲେ । ମୁଁ ମଧ୍ୟ ତାଙ୍କୁ ଅନେକଥର ପଚାରିଲି ଯେ ଆପଣ କେମିତି ଏତେ ସିମିତ ସ୍ଥାନରେ ଚଳୁଛନ୍ତି ସେତେବେଳେ ସେ ଉତର ଦେଲେ କି ଆମେମାନେ ଯେମିତି ସେମିତି କରି କାମ ଚଳାଇ ନେଉଛୁ, ନିଜକୁ ଚଳାଇ ନେଉଛୁ ଏବଂ ଘରକୁ ଅତିଥିମାନଙ୍କ ପାଇଁ ପ୍ରଦାନ କରିଦେଉଛୁ । ସେ ସର୍ବଦା କହୁଥିଲେ କି ଧର୍ମ ଓ ସାଂସାରିକତାକୁ ନେଇ ଅଗ୍ରସର ହେବା ଉଚିତ କିନ୍ତୁ ଏହା ମନେରଖ ଯେ ଏହି କାର୍ଯ୍ୟ ଏତେ ସହଜ ନୁହେଁ ଯେତେବେଳେ କି କୌଣସି ସାଂସାରିକ ସମସ୍ୟା ଆସେ ସେତେବେଳେ ଧର୍ମକୁ ସର୍ବଦା ଅଗ୍ରାଧିକାର ଦେବ । ଏହି ଉପଦେଶ ହିଁ ସେ ନିଜର ସନ୍ତାନମାନଙ୍କୁ ଦେଉଥିଲେ । ତାଙ୍କ ପୁତ୍ର କୁହନ୍ତି କି ସେ ମତେ ସର୍ବଦା ଏହି ଉପଦେଶ ଦେଉଥିଲେ କି ଆମମାନଙ୍କର ଯାହା ସବୁ ଅଛି ସେ ସବୁ ଅଲ୍ଲାଃ ତାଲାଙ୍କ ଯମାତ୍‌ର ସନ୍ତକ ତେଣୁ ଆମମାନଙ୍କର ଏହା କର୍ତବ୍ୟ ଯେ ଆମେମାନେ ତାହାର ସୁରକ୍ଷା କରିବା ଏବଂ ତାହାଙ୍କ ସନ୍ତକକୁ ଏହି ଉଦ୍ଦେଶ୍ୟ ରଖି ତାହାକୁ ବୃଦ୍ଧି କରାଯାଉ କି ତାହା ଯେମିତି ଯମାତ୍‌ର କାମରେ ଲାଗିବ । ସେ ଚାନ୍ଦା ପଇଠ କରିବାରେ କେବେ ହେଲେ ଅବହେଳା କରୁନଥିଲେ ଏବଂ ସେ ମାସର ପ୍ରଥମ ଦିନରେ ହିଁ ନିଜର ଚାନ୍ଦା ପଇଠ କରିଦେଉଥିଲେ ଏବଂ କହୁଥିଲେ ଯେ ଏହା ଭାବିବା ନାହିଁ ଯେ ଯମାତ୍‌କୁ ଆମ ଚାନ୍ଦାର ଆବଶ୍ୟକତା ରହିଛି ବରଂ ଚାନ୍ଦା ଦେବା ଦ୍ୱାରା ଆମେମାନେ ଅଲ୍ଲାଃ ତାଲାଙ୍କ ପୁରସ୍କାରକୁ ସାଉଁଟି ପାରିବା । ତାଙ୍କ ପୁତ୍ର କୁହନ୍ତି ଯେ ବେମାର ପଡ଼ିଥିବା ଶେଷ ଦିନଗୁଡ଼ିକରେ ଯେତେବେଳେ ତାଙ୍କୁ ଭେଂଟିଲେଟର୍‌ରେ ରଖାଯାଇଥିଲା ସେତେବେଳେ ସେ ଏହା ପୂର୍ବରୁ କୋମାକୁ ଚାଲିଯାଇଥିଲେ ପରେ ତାଙ୍କର ଶେଷ ଶବ୍ଦ ଯାହାକୁ ସେ ମତେ କହିଥିଲେ ଯେ ସର୍‌ଫରାଜ ମୁଁ ଜାଣିଛି ଯେ ମାସର ପ୍ରଥମ ଦିନ ବିତିଯାଇଛି ମୋ ଆଲ୍‌ମାରୀରେ ଯାଇ ଦେଖ ସେଠାରେ ସମସ୍ତ ଫାଇଲ୍ ପ୍ରସ୍ତୁତ ଥିବ ଯେଉଁଥିରେ ମୋର ଚାନ୍ଦା ହିସାବପତ୍ର ଉଲ୍ଲେଖ ଥିବ ତେଣୁ ତୁମେ ମୋ ସମ୍ପୂର୍ଣ୍ଣ ଚାନ୍ଦା ପଇଠ କରିଦେବ ଏବଂ ମୋର ଉପଦେଶକୁ ସର୍ବଦା ମନେରଖିବ ଯେ ମାସର ପ୍ରଥମ ଦିନରେ ହିଁ ନିଜ ସମସ୍ତ ପଇଠ କରିଦେବ ଏବଂ ଏଥିରେ କେବେ ହେଲେ ଅବହେଳା କରିବନାହିଁ ।

ତାଙ୍କର ଶ୍ୱଶୁର କରାମୁତଲା ସାହେବ୍ କୁହନ୍ତି ଯେ ପ୍ରୀୟ ସ୍ୱର୍ଗତ ମୁସ୍ତଫା ସାହେବ୍ ତାଙ୍କ ପତ୍ନୀଙ୍କ ରକ୍ତ ସମ୍ପର୍କୀୟ ବନ୍ଧୁମାନଙ୍କ ସହିତ ଅତ୍ୟନ୍ତ ନିଷ୍ଠାର ସହିତ ସମ୍ପର୍କ ନିର୍ବାହ କରିଛନ୍ତି ଏବଂ ଏହି ଅଧମକୁ ନିଜର ପ୍ରକୃତ ପିତାଙ୍କ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ମୁସ୍ତଫା ଜୀବନସାରା ଅଲ୍ଲାଃ ତାଲାଙ୍କ ଉପାସନା ଓ ଖଲିଫାଙ୍କ ପାଦତଳେ ସେବା କରି ନିଜର ଜୀବନକୁ ଅତିବାହିତ କରିଦେଇଛନ୍ତି ।

ସେହିପରି ତାଙ୍କର ଜ୍ୱାଇଁ ବିଲାଲ ସାହେବ କୁହନ୍ତି ଯେ କୋରାନ୍ କରିମ୍‌ର ବିଭିନ୍ନ ଆୟତ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିତିବାଣୀ ନିର୍ଦ୍ଦେଶାନାମାଗୁଡ଼ିକ ଜେରକ୍ସ କରି ମତେ ଓ ଅନ୍ୟ ପିଲାମାନଙ୍କୁ ତଥା ସାଙ୍ଗସାଥିମାନଙ୍କୁ ବନ୍ଧୁ ପରିଜନମାନଙ୍କୁ ଦେଉଥିଲେ ଏବଂ କହୁଥିଲେ ଏହାକୁ ପଢ଼ ଓ କୋରାନ୍‌ର ଦୁଆଗୁଡ଼ିକୁ ମୁଖସ୍ତ କର । କରାମତୁଲା ସାହେବ୍ କୁହନ୍ତି ମସ୍‌ଜିଦ୍ ଫଜଲ୍‌ରେ ଯେଉଁ ଦରସ୍ ହେଉଥିଲା ତାହାର ଏକ କପି ପ୍ରାପ୍ତ କରି ଘରକୁ ଆସି ତାହାକୁ ପୁର୍ନବାର ପଢୁଥିଲେ ଏବଂ ସମସ୍ତଙ୍କୁ ପଢ଼ିବାକୁ କହୁଥିଲେ । ମୋବାଇଲ୍‌ରେ ତାହାର ଫଟୋ ଉଠାଇ ପରିଜନ ଓ ଅଣଅହେମଦୀ ଭାଇମାନଙ୍କୁ ଓ ନିଜ ପିଲାମାନଙ୍କ ସହିତ ଶେୟାର କରୁଥିଲେ ଏବଂ ପରେ ସେ ସେମାନଙ୍କ ଫୋନ କରି ପଚାରୁଥିଲେ କି ସେମାନେ ତାହା ପଢ଼ିଲେ କି ନାହିଁ । ଏହିପରି ଭାବରେ ତବ୍‌ଲିଗ୍ ମଧ୍ୟ କରୁଥିଲେ । ସେ ଅତ୍ୟନ୍ତ ଅତିଥିପ୍ରୀୟ ଥିଲେ, ସାମାନ୍ୟ ଦିନରେ ମଧ୍ୟ କୌଣସି ନା କୌଣସି ଲୋକଙ୍କୁ ଘରକୁ ନେଇ ଚାଲିଆସୁଥିଲେ ଏବଂ ଜଲ୍‌ସାର ଦିନରେ ତ ୨୪ ଘଂଟା ତାଙ୍କ ଘରକୁ ଅତିଥିମାନଙ୍କର ଯିବାଆସିବା ଲାଗି ରହୁଥିଲା ଏବଂ ସେ ଏହା ହିଁ କହୁଥିଲେ କି କଣ ଆପଣମାନେ ପଚାରିବାର କୌଣସି କଷ୍ଟ କରିବେ ନାହିଁ ମୋ ଘରକୁ ଆପଣମାନେ ନିଜ ଘର ବୋଲି ଭାବି ଚାଲି ଆସିବେ ।

ବିଶେଷ କରି ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଅତିଥିମାନଙ୍କୁ ଅଗ୍ରାଧିକାର ଦେଉଥିଲେ ଏବଂ ସର୍ବଦା କହୁଥିଲେ କି ଆପଣମାନଙ୍କ ନିମନ୍ତେ ମୋ ଦ୍ୱାର ଉନ୍ମୁକ୍ତ ରହିଛି ଯଦି କୌଣସି ବ୍ୟକ୍ତି ଜଲ୍‌ସାରେ ତାଙ୍କ ଘରେ ଅତିଥି ହୋଇ ରହିଯାଉଥିଲା ଏବଂ ଆସନ୍ତା ବର୍ଷ ଜଲ୍‌ସା ସାଲାନାରେ ଅନ୍ୟ କୌଣସି ସ୍ଥାନରେ ଅତିଥ୍ୟତା ଗ୍ରହଣ କରୁଥିଲା ତେବେ ସେ ଅତ୍ୟନ୍ତ ବ୍ୟାକୁଳ ହୋଇଯାଉଥିଲେ ଯେ ବୋଧ ହୁଏ ମୋ ଦ୍ୱାରା ଅତିଥି ପରାୟଣତାରେ କୌଣସି ତ୍ରୁଟି ରହିଯାଇଥିଲା ଯାହାର ପରିଣାମ ସ୍ୱରୁପ ସେ ଏ ବର୍ଷ ଏଠାକୁ ଆସିଲେ ନାହିଁ ଅର୍ଥାତ ତାଙ୍କ ଘରକୁ ଆସିଲେ ନାହିଁ ଯଦି ତାଙ୍କୁ ସୁଯୋଗ ମିଳୁଥିଲା ସେ ଅତିଥିଙ୍କୁ ଜୋରଜବରଦସ୍ତି ନିଜ ଘରକୁ ନେଇ ଆସୁଥିଲେ ସେ ନିଜର ସାଂସାରିକ କାର୍ଯ୍ୟକୁ ଏପରି ପରିଚାଳନା କରୁଥିଲେ ଯେ ଏହି କାର୍ଯ୍ୟଗୁଡ଼ିକ ତାଙ୍କ ନମାଜ ସମୟରେ ଯେପରି କୌଣସି ବାଧା ସୃଷ୍ଟି ନକରନ୍ତୁ । ସୁତରାଂ ସେ କାମ ଛାଡ଼ି ମସ୍‌ଜିଦ୍‌କୁ ନମାଜ ପଢ଼ିବାପାଇଁ ପହଂଚିଯାଉଥିଲେ ।

ସେହିପରି ତାଙ୍କର ସମ୍ପର୍କୀୟ ବନ୍ଧୁ ସୁହେଲ୍ ଅହ୍‌ମଦ୍ ଚୌଧୁରୀ ସାହେବ୍ କୁହନ୍ତି, ଯେ ସେ ଏଭଳି ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଯାହାଙ୍କୁ ତିନୋଟି ଜିନିଷର ପାଗଳାମି ଥିଲା ପ୍ରଥମଟି ଉପାସନା, ଦ୍ୱିତୀୟ ଖିଲାଫତ୍ ସହିତ ସମ୍ପର୍କ ଓ ତୃତୀୟ ଅତିଥି ସତ୍କାର । ମୁସ୍ତଫା ଭାଇଙ୍କ ଘର ଜଲ୍‌ସା ଦିନ ଗୁଡ଼ିକରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିଙ୍କ ଦ୍ୱାରା ପରିପୂର୍ଣ୍ଣ ରହୁଥିଲା ଯାହାକି ଏକ ଅତିଥିଶାଳା ପରି ଦୃଶ୍ୟମାନ ହେଉଥିଲା ।

ସେହିପରି ଆମର ଜଣେ ପ୍ରାଇଭେଟ କର୍ମଚାରୀ ଅସ୍‌ଲମ୍ ଖାଲିଦ୍ ସାହେବ କୁହନ୍ତି ଯେ ଆମ କାର୍ଯ୍ୟାଳୟ ସହିତ ତାଙ୍କ ନିତିଦିନର ସମ୍ପର୍କ ଥିଲା । ସେ ଅନେକ ସୁଗୁଣର ଅଧିକାରୀ ଥିଲେ ସେ ନିର୍ଭିକଭାବେ ପୂଣ୍ୟରେ ଆଗେଇ ଯିବାଭଳି ବ୍ୟକ୍ତି ଥିଲେ ଏବଂ ଦରିଦ୍ରମାନଙ୍କ ପାଇଁ ଦେବଦୂତ ସାଜିଥିଲେ । ସେହିପରି

### ହଦିସ୍ ନବଭି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

ଅତିଥିପ୍ରୀୟ, ଚାନ୍ଦା ଦେବାରେ ଅନୁପମ ଓ ପ୍ରତ୍ୟେକ ପୂଣ୍ୟକର୍ମ ସମ୍ପାଦନକାରୀ ବ୍ୟକ୍ତି ଥିଲେ । କାର୍ଯ୍ୟାଳୟରେ ପ୍ରତ୍ୟେକ ବ୍ୟକ୍ତିଠାରୁ ପ୍ରଲୋଭ ବ୍ୟକ୍ତିପରି କାମ ଛଡ଼ାଇ ଆଣି ନିଜେ ସେହି କାର୍ଯ୍ୟକୁ ସମ୍ପାଦନ କରୁଥିଲେ । ସେ କୁହନ୍ତି ଯେ ଏହା ହିଁ ମୋର ଅର୍ଜିତ ଧନ ଏବଂ ସେ କହୁଥିଲେ ଯେ ବର୍ତମାନ ଏହା ହିଁ ସଠିକ୍ କାର୍ଯ୍ୟ । ଏହା କହି ସେ ଆନନ୍ଦିତ ହେଉଥିଲେ ।

ସେହିପରି ପ୍ରାଇଭେଟ ସେକ୍ରେଟାରୀ ଭଲ୍ୟୁଂଟର କର୍ମଚାରୀ ହେଉଛନ୍ତି ଫହିମ୍ ଅହ୍ମଦ୍ ଭଟ୍ଟି ସାହେବ, ସେ କୁହନ୍ତି ଯେ ପ୍ରାୟ ୧୯୯୨ ମସିହାରୁ ସେ କାର୍ଯ୍ୟାଳୟରେ କାମ କରିବା ଆରମ୍ଭ କରିଥିଲେ । ସେହି ଦିନମାନଙ୍କରେ କର୍ମଚାରୀମାନଙ୍କର ଘୋର ଅଭାବ ଦେଖାଦେଇଥିଲା ତେଣୁ ସେ ନିୟମିତ ରୂପେ କାର୍ଯ୍ୟ କରିଆସୁଥିଲେ ଜଣେ ବିଶ୍ୱସ୍ତ ତଥା ସର୍ମପିତ କର୍ମଚାରୀ ଥିଲେ । ସେ ଅନେକ ଗୁଣାବଳୀର ଅଧିକାରୀ ଥିଲେ ତନ୍ମଧ୍ୟରୁ ସବୁଠାରୁ ପ୍ରୀୟ ଓ ଗର୍ବର କଥା ଥିଲା ଯେ ଖିଲାଫତ୍‌କୁ ଭଲ ଭାବରେ ଏବଂ ଖିଲାଫତ ପ୍ରତି ଆନୁଗତ୍ୟ ଏବଂ ଆଜ୍ଞାନୁବର୍ତିତା ପ୍ରକାଶ କରୁଥିଲେ ଏବଂ ଛୋଟ ଛୋଟ କଥା ପାଇଁ ମାର୍ଗଦର୍ଶନ ଲୋଡୁଥିଲେ । ଅଲ୍ଲାଃ ତାଲା ତାଙ୍କୁ ଆର୍ଥିକ ସ୍ୱଚ୍ଛଳତା ପ୍ରଦାନ କରିଥିଲେ ଯେତେବେଳେ କି ଏହାର ଚର୍ଚ୍ଚା କରୁଥିଲେ ସେତେବେଳେ ସେ ସର୍ବଦା ଏହା କହୁଥିଲେ କି କାର୍ଯ୍ୟାଳୟରେ କାମ କରିବା ଏବଂ ଏହି ଦ୍ୱାରରେ ବର୍‌କତ୍ ଯୋଗୁଁ ହିଁ ମତେ ଏହି ଆର୍ଥିକ ସ୍ୱଚ୍ଛଳତା ଲାଭ ହୋଇଛି ।

ଡ଼ାକ୍ତର ତାରିକ୍ ବାଜୱା ସାହେବ୍ କୁହନ୍ତି ମୋର ତାଙ୍କ ସହିତ ବନ୍ଧୁତାର ସମ୍ପର୍କ ୧୯୮୦-୧୯୮୧ ମସିହାରୁ ରହିଥିଲା । ଅହେମଦୀୟତ ଗ୍ରହଣ କରିବାଠାରୁ ନେଇ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କୁ ମୁଁ ଅତି ନିକଟରୁ ଦେଖି ଆସିଛି । ଅଲ୍ଲାଃ ତାଲାଙ୍କ ଉପରେ ତାଙ୍କର ଗଭୀର ବିଶ୍ୱାସ ଥିଲା ସେ ଖିଲାଫତ୍‌ର ପ୍ରେମିକ ଥିଲେ । ସିନ୍ଧ୍‌କୁ ଆସି ସେ ନିଜର ଦୂରବର୍ତୀ ପରିଜନଙ୍କ ପାଖରେ ରହିବାକୁ ଲାଗିଲେ କାରଣ ତାଙ୍କ ଉପରେ ପଞ୍ଜାବରେ ଜମି ମାମଲାକୁ ନେଇ ମୋକଦ୍ଦମା ହୋଇଥିଲା । ସେଠାରୁ ସେ ପୋଲିସ କବଳରୁ ଖସି ଆସିଥିଲେ । ସେ ଯାହା ହେଉ ନା କାହିଁକି ସେଠାରେ ତାଙ୍କର ଅହେମଦୀୟତ ସହିତ ପରିଚୟ ହୋଇଥିଲା ଏବଂ ଦୀର୍ଘ ତିନିବର୍ଷ ପର୍ଯ୍ୟନ୍ତ ତାଙ୍କ ସହିତ ତବ୍‌ଲିଗ୍‌ରେ କଥୋପଥନ ଜାରି ରହିଥିଲା । ଏହି ଅବଧି ମଧ୍ୟରେ ସେ ଅହମଦିଙ୍କର ମସ୍‌ଜିଦ୍‌ରେ ନିୟମିତ ରୂପେ ଅଜାନ୍ ଦେଉଥିଲେ ତାଙ୍କର ଏହି ରୁଚି ଆରମ୍ଭରୁ ହିଁ ରହିଥିଲା । ପରିର୍ବତୀ ପର୍ଯ୍ୟାୟରେ ଏକ ସ୍ୱପ୍ନ ଦେଖିବାପରେ ଶିଘ୍ର ବୟତ କରିଥିଲେ । ସେହି ସ୍ୱପ୍ନଟି ଏପରି ଥିଲା କି ଘରେ ହଜ୍‌ରତ୍ ଖଲିଫତୁଲ୍ ସାନି ର:ଅଙ୍କ ଆଗମନ ଘଟିଲା ଏବଂ ସ୍ମିତ ହାସ୍ୟ ପ୍ରକାଶ କରି କହିଲେ କି ଦୁଇଜଣ ଖୁଦାମ୍‌ଙ୍କର ଆବଶ୍ୟକତା ରହିଛି ଓ ପୁନଶ୍ଚ କହିଲେ ଜଣେ ହେଉଛନ୍ତି ସଲିମ୍ ସାହେବ୍ ତା'ପରେ ମୁସ୍ତଫା ସାହେବଙ୍କ ଆଡ଼କୁ ଇଙ୍ଗିତ କରି କହିଲେ ଆଉ ଜଣେ ହେଉଛୁ ତୁମେ ଜଣେ ଆସ ସୁତରାଂ ଏହି ସ୍ୱପ୍ନପରେ ସେ ବୟତ କରିଥିଲେ । ବୟତ ପୂର୍ବରୁ ହିଁ ସେ ଯମାତ୍‌ର ବିଭିନ୍ନ ଇସ୍ତେମା ଓ ଧର୍ମ ସମ୍ମିଳନୀରେ ଯୋଗ ଦେଇଥିଲେ ବୟତ ପରେ ତାଙ୍କ ବିଶ୍ୱାସରେ ଏକ ଅପୂର୍ବ ଓ ଅଭୁତପୂର୍ଣ ନିଷ୍ଠାର ଆଭାଷ ଦୃଶ୍ୟମାନ ହୋଇଥିଲା ଏବଂ ସେ ଏଥିରେ ଅସାଧାରଣ ଉନ୍ନତି କରିଯାଇଥିଲେ । ସେ ଧ୍ୟାନପୂର୍ବକ ଖୁତ୍‌ବା ଓ ପ୍ରଶ୍ନୋତର କାର୍ଯ୍ୟକ୍ରମ ଶୁଣିବା ଯୋଗୁଁ ତାଙ୍କୁ ଏତେ ବିଶ୍ୱାସ ଆସିଯାଇଥିଲା କି ସେ କହୁଥିଲେ ମୁଁ ଏକା ହିଁ ଅଣଅହେମଦୀ ମୌଲବୀମାନଙ୍କ ପାଇଁ ଯଥେଷ୍ଟ । ଅର୍ଥାତ ତାଙ୍କର ମୁକାବିଲା କରିବାପାଇଁ, ମୋ ସମ୍ମୁଖରେ ସେମାନେ ତିଷ୍ଠି ରହିପାରିବେ ନାହିଁ । ତାଙ୍କୁ ବହୁବାର ଉମରା କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା ଏବଂ ଅଲ୍ଲାଃ ତାଲାଙ୍କ କୃପାରୁ ୨୦୧୦ ମସିହାରେ ହଜ୍ କରିବାର

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ<br>*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)* |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''<br>*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)* |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

# ଜକାତ୍ ଏକ ମହତ୍ୱପୂର୍ଣ୍ଣ କର୍ତବ୍ୟ ଏହାର ପଇଠ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

ପବିତ୍ର ରମ୍‌ଜାନ୍ ମାସ ଆରମ୍ଭ ହୋଇଯାଇଛି । ଏହି ବୈଭବପୂର୍ଣ୍ଣ ମାସରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ନିତିବାଣୀ ମୁତବାକ ବୈକୁଣ୍ଠର ଦ୍ୱାରକୁ ଖୋଲି ଦିଆଯାଇଥାଏ ଓ ନର୍କର ଦ୍ୱାରକୁ ବନ୍ଦ କରିଦିଆଯାଏ । କାରଣ ଏହା ହେଉଛି ସେହି ବାବର୍‌କତ୍ ମାସ ଯେଉଁଥିରେ ମୋମିନ୍‌କୁ ଅଧିକରୁ ଅଧିକ ଅମ୍‌ରେ ବିଲ୍ ମାରୁଫ୍ (ଅର୍ଥାତ ପୂଣ୍ୟକର୍ମ)କୁ କରିବାପାଇଁ ଅବସର ମିଳିଥାଏ । ଯାହା ମାଧ୍ୟମରେ ସେମାନେ ଅଲ୍ଲାଃ ତାଲାଙ୍କ ସାନ୍ନିଧ ହାସଲ କରି ଅସୁମାରୀ କରୁଣା ଓ ବୈଭବର ଉତରାଧିକାରୀ ହୋଇଥାନ୍ତି । ଏବଂ ଏହା ହିଁ ସେହି ବାବାର୍‌କତ୍ ମାସ ଯେଉଁଥିରେ ଆମ ପ୍ରୀୟ ମୁନୀବ ସୟଦ୍‌ନା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ବହୁଳଭାବେ ନା କେବଳ ଉପାସନା କରୁଥିଲେ ବରଂ ବହୁଳଭାବେ ନିଜର ଧନକୁ ଅଲ୍ଲାଃ ତାଲାଙ୍କ ରାସ୍ତାରେ ଖର୍ଚ୍ଚ କରୁଥିଲେ । ତେଣୁ ଆମ ମଧ୍ୟରୁ ପ୍ରତ୍ୟେକ ଅହେମଦୀ ମୁସଲମାନର ଏ କର୍ତବ୍ୟ ଯେ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଦର୍ଶ ଉପରେ ପରଚାଳିତ ହୋଇ ନା କେବଳ ନିଜ ଉପାସନାରେ ତିବ୍ରତା ସୃଷ୍ଟି କରିବା ବରଂ ତତ୍‌ସହିତ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବାପାଇଁ ମଧ୍ୟ ନିଜ ପାଦକୁ ଆଗକୁ ବଢ଼ାଇବା ।

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ ପବିତ୍ର କୁର୍‌ଆନ୍‌ରେ ନମାଜ ସହିତ ଜକାତ୍‌ର ନିର୍ଦ୍ଦେଶ ରହିଛି । ତେଣୁ ସେହି ସମସ୍ତ ପୁରୁଷ ଓ ମହିଳାମାନେ, ଯେଉଁମାନେ ଜକାତ୍ ଦେବାପାଇଁ ଯୋଗ୍ୟ, ସେମାନଙ୍କୁ ଅନୁରୋଧ କରାଯାଉଅଛି ଯେ ଏହି ମହତ୍ୱପୂର୍ଣ୍ଣ କର୍ତବ୍ୟକୁ ନିର୍ବାହ କରିବା ପ୍ରତି ଧ୍ୟାନ ଦିଅନ୍ତୁ ।

ଜକାତ୍ ହେଉଛି ଇସ୍‌ଲାମ୍‌ର ଏକ ମୂଳ ସ୍ତମ୍ଭ, ଯାହା ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ଧାର୍ଯ୍ୟ ଅଟେ । ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: "ହେ ସମସ୍ତ ଲୋକମାନେ ! ଯେଉଁମାନେ ନିଜକୁ ମୋ ଯମାତ୍‌ରେ ଗଣନା କରୁଅଛ, ଆକଶରେ ତୁମେ ସେତେବେଳେ ମୋ ଯମାତ୍ ରୂପେ ଗଣା ହେବ ଯେତେବେଳେ ପ୍ରକୃତରେ ଧର୍ମପରାୟଣତାର ମାର୍ଗରେ ତୁମେ ପାଦ ଥାପିବ । ତେଣୁ ନିଜ ପାଂଚବେଳା ନମାଜକୁ ଏପରି ଭୟ ଓ ବିନମ୍ରତାର ସହିତ ପାଠକର ଯେପରି ତୁମେ ଖୁଦାତାଲାଙ୍କୁ ଦେଖୁଅଛ ଏବଂ ନିଜ ରୋଜାକୁ ଖୁଦାଙ୍କ ପାଇଁ ନିଷ୍ଠାର ସହିତ ପୂରଣ କର । ପ୍ରତ୍ୟେକ ଯିଏ ଜକାତ୍ ଦେବାପାଇଁ ଯୋଗ୍ୟ ସେ ଜକାତ୍ ଦେଉ" ।

***(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୫)***

ଗହଣାଗାଣ୍ଠିର ଜକାତ୍ ବିଷୟରେ ସୟଦନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ: "ଯେଉଁ ଗହଣାଗୁଡ଼ିକ ପିନ୍ଧା ଯାଉଅଛି ଓ ବେଳେବେଳେ ଗରୀବ ମହିଳାମାନଙ୍କୁ ବ୍ୟବହାର କରିବାପାଇଁ ଦିଆଯାଉଅଛି, ଏ ସମ୍ବନ୍ଧରେ କେତେକ ଏ ଫତ୍‌ୱା ଦେଉଛନ୍ତି ଯେ ଏହାର କୌଣସି ଜକାତ୍ ନାହିଁ । ଯେଉଁ ଗହଣାଗୁଡ଼ିକୁ ପିନ୍ଧାଯାଏ ଓ ଅନ୍ୟ ଲୋକଙ୍କୁ ବ୍ୟବହାର କରିବାପାଇଁ ଦିଆନଯାଏ. ଏଥିରେ ଜକାତ ଦେବା ଶ୍ରେୟସ୍କର କି ତାହା ନିଜ ପାଇଁ ବ୍ୟବହାର କରାଯାଇଥାଏ । ଏହା ଉପରେ ଆମ ଘରର ଲୋକେ ଅମଳ (କର୍ମ) କରିଥାନ୍ତି । ପ୍ରତିବର୍ଷ ବର୍ଷ ପୂରଣ ହେବାରେ ମହଜୁଦ ଥିବା ଗହଣା ଜକାତ ଦେଇଥାନ୍ତି । ଯେଉଁ ଗହଣାକୁ ଟଙ୍କା ପରି ଜମା ରଖାଯାଇଥାଏ, ତାହାର ଜକାତ୍ ଦେବାରେ କାହାର ମଧ୍ୟ ଆପତି ନାହିଁ ।

***(ଅଲ୍‌ହକମ୍ ୧୭ ନଭେମ୍ବର ୧୯୦୫, ପୃ-୧୧)***

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ କହୁଛନ୍ତି ଯେ "ମନେରଖିବା ଉଚିତ ଯେ ଏହି ଟ୍ୟାକ୍ସ ଯାହାକୁ ଜକାତ୍ କୁହାଯାଏ, ଏହା ଆମଦାନି ଉପରେ ନୁହେଁ ବରଂ ମୁଳଧନ ଓ ଲାଭ ସବୁକୁ ମିଶାଇ ତା'ଉପରେ ଲଗାଯାଏ । ଏହିପରି ଅଢ଼େଇ ପ୍ରତିଶତ ବାସ୍ତବିକ ବେଳେ ବେଳେ ଲାଭର ପଚାଶ ପ୍ରତିଶତ ହୋଇଯାଇଥାଏ ।"

***(ଅହେମଦୀୟତ୍ ଅର୍ଥାତ ବାସ୍ତବିକ ଇସ୍‌ଲାମ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୮, ପୃ-୩୦୬)***

ଗହଣା ଏବଂ ନଗଦ ଟଙ୍କାର ନିସାବ (ମାପ) ଜକାତ୍ ସମ୍ବନ୍ଧରେ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି ଯେ: "ରୁପା ପାଇଁ ରୁପା ଓ ସୁନା ପାଇଁ ସୁନା ର ନିସାବ (ମାପ) ହେବ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଯୁଗରେ ହଜୁର ସ:ଆ:ସ ନିଜେ ପ୍ରଚନଳ କରାଇଥିଲେ । ଯେଉଁଠି ନଗଦ ଟଙ୍କାର ନିସାବ ଜକାତ ଦେବା କଥା ଉଠୁଛି, ତେବେ ବର୍ତମାନ ପୃଥିବୀର ଅଧିକାଂଶ ଦେଶ ସୁନାକୁ ଅର୍ଥର ମାପଦଣ୍ଡ ରୂପେ ଆପଣାଇଛନ୍ତି । ତେଣୁ ନଗଦ ଟଙ୍କାର ଜକାତ ପାଇଁ ମଧ୍ୟ ସୁନାକୁ ହିଁ ମାପଦଣ୍ଡ ଆକାରରେ ବୁଝାଯିବ" ।

***(ହଜୁର ଅନୱର ଅ:ବ:ଅଙ୍କ ସଦର୍ ସାହେବ ମଯ୍‌ଲିସ୍ ଇଫ୍‌ତାଅଙ୍କ ୨୪ ଚିଠି)***

ଆଁ ହଜ୍‌ରତ୍ ସ:ଆ:ସ ରୂପା ପାଇଁ ସାଢ଼େ ବାଉନ (୫୨.୫) ଭରି ଓ ସୁନା ପାଇଁ ସାଢ଼େ ସାତ ଭରି (୭.୫) ନିସାବ (ମାପଦଣ୍ଡ) ଧାର୍ଯ୍ୟ କରିଛନ୍ତି ।

*ଯାହା ନିକଟରେ ସାଢ଼େ ବାଉନ (୫୨.୫) ଭରି ରୁପା ମହଜୁଦ୍ ଅଛି ଓ ତାଙ୍କୁ ରଖିବାର ଏକ ବର୍ଷ ବିତିଯାଏ ତେବେ ତା ଉପେର ୧/୪୦ ଭାଗ ଅର୍ଥାତ ଅଢ଼େଇ ପ୍ରତିଶତ ଜକାତ ଦେବା ଧାର୍ଯ୍ୟ ଅଟେ ।

ସେହିପରି ଯାହା ନିକଟରେ ସାଢ଼େ ସାତ (୭.୫) ଭରି (୮୭ ଗ୍ରାମ) ସୁନା ମହଯୁଦ୍ ଥାଏ ବା ତାହା ସମ ନଗଦ ଅର୍ଥ ମହଜୁଦ୍ ଥାଏ ଓ ପୁଣି ଏକ ବର୍ଷ ବିତିଯାଏ, ତା'ଉପରେ ମଧ୍ୟ ମାପ ମୁତାବକ ୧/୪୦ ଭାଗ ଅର୍ଥାତ ଅଢ଼େଇ ପ୍ରତିଶତ ଜକାତ ଦେବା ଫର୍ଜ (ଧାର୍ଯ୍ୟ) ଅଟେ ।

*ଜକାତ ବାବଦରେ ଅସୁଲ କରାଯାଇଥିବା ସମସ୍ତ ଅର୍ଥରାଶିକୁ ମର୍କଜକୁ ପଠାଇବା ଜରୁରୀ ।

ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ମହତ୍ୱପୂର୍ଣ୍ଣ କର୍ତବ୍ୟକୁ ନିର୍ବାହ କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଯମାତ୍‌ର ସମସ୍ତ ସଦସ୍ୟମାନଙ୍କ ଧନ ଓ ଜନରେ ବରକତ୍ ପ୍ରଦାନ କରନ୍ତୁ । ଆମିନ୍ ।

***(ନାଜିର୍ ବୟତୁଲ୍ ମାଲ୍ ଆମଦ୍ କାଦିୟାନ୍)***

ମଧ୍ୟ ତାଙ୍କୁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସେ କାଦିୟାନକୁ ବହୁତ ଭଲ ପାଉଥିଲେ, ଅନେକ ସମୟରେ ସେଠାକୁ ଯାଉଥିଲେ ସେଠାରେ ଘର ପ୍ରତିଷ୍ଠା କରିବାକୁ ବହୁତ ଇଚ୍ଛା ଥିଲା ପରେ ସେଠାରେ ସେ ବାସଗୃହ ନିର୍ମାଣ କରି ତାହାକୁ ଯମାତ୍ ପାଇଁ ଉତ୍ସର୍ଗ କରିଦେଇଥିଲେ ।

ଡ଼ାକ୍ତର ଇବ୍ରାହିମ୍ ନାସିର୍ ଭଟ୍ଟି ସାହେବ ଯିଏ ମୁସ୍ତଫା ସାହେବଙ୍କର ଚିକିତ୍ସା କରୁଥିଲେ । ସେ କୁହନ୍ତି ଯେ, ମୁଁ ଗୁଲାମ୍ ମୁସ୍ତଫା ସାହେବଙ୍କୁ ଅଧିକ ଦିନ ହେଲା ଜାଣିନାହିଁ । କିନ୍ତୁ ରୋଗର ଶେଷ ପର୍ଯ୍ୟାୟରେ ଜଣେ ପରାମର୍ଶଦାତା ହିସାବରେ ମତେ ତାଙ୍କର ସେବା ଯତ୍ନ କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ଇବ୍ରାହିମ୍ ସାହେବ୍ ସେହି ଡ଼ାକ୍ତରଖାନାରେ ଡ଼ାକ୍ତରଭାବରେ ସେବାରତ ଥିଲେ ଏବଂ ସୌଭାଗ୍ୟବଶତଃ ମୁସ୍ତଫା ସାହେବ୍ ଇବ୍ରାହିମ ସାହେବଙ୍କର ଚିକିତ୍ସାଧିନରେ ଥିଲେ । ଡାକ୍ତର ଇବ୍ରାହିମ୍ ସାହେବ କୁହନ୍ତି କି ମୁଁ ତାଙ୍କୁ ରୋଗର ଶେଷ ପର୍ଯ୍ୟାୟରେ ଦେଖିବାକୁ ଅବସର ପାଇଥିଲି । ଏହି ସ୍ୱଳ୍ପ ସମୟରେ ଏହିଭଳି ଚର୍ଚ୍ଚାର ବିଷୟ ତଥା କଥାଗୁଡ଼ିକ ରହିଥିଲା ଯାହାକୁ ମୁଁ ତାଙ୍କଠାରୁ ନୋଟ କରିଥିଲି ସେ କୁହନ୍ତି କି କରୋନା ଭୁତାଣୁର କୋପ ଯୋଗୁଁ ସେ ସର୍ବଦା ଅଲ୍ଲାହ ତାଲାଙ୍କର ପ୍ରସନ୍ନତା ଉପରେ ସହମତି ପ୍ରକାଶ କରୁଥିଲେ । ମୋର ମନେ ଅଛି ଯେ, ମୁଁ ତାଙ୍କ ପାଖକୁ ଆସିଥିଲି ଏବଂ ତାଙ୍କୁ ସମ୍ବୋଧିତ କରି କହିଲି କି ରୋଗର ପ୍ରକୋପ ଯଥେଷ୍ଟ ଅଧିକ ଏବଂ ଆପଣ ସମ୍ଭବତଃ ସୁସ୍ଥ ହୋଇନପାରନ୍ତି । ଏହା ଶୁଣି ମୁସ୍ତଫା ସାହେବ କିଛି କ୍ଷଣ ନୀରବ ରହିଲେ ଏବଂ କହିଲେ ଅଲ୍ଲାହ ତାଲାଙ୍କର ଯାହା ଇଚ୍ଛା ସେଥିରେ ମୁଁ ରାଜି ଆପଣଙ୍କ ଚେହେରାରେ ଚିନ୍ତାର ଚିହ୍ନବର୍ଣ୍ଣ ବି ନଥିଲା । ପୂର୍ଣ୍ଣରୂପେ ନିଶ୍ଚିନ୍ତ ଥିଲେ । ଡ଼ାକ୍ତର ସାହେବ କୁହନ୍ତି ଆଉ ଗୋଟେ କଥା ତାଙ୍କର ଯାହା କି ମତେ ପ୍ରଭାବିତ କଲା ତାହା ଏହା ଥିଲା ଯେ ଖିଲାଫତ୍ ସହିତ ପ୍ରେମ । ରୋଗର ସଙ୍ଗିନ ଅବସ୍ଥାରେ ମଧ୍ୟ ଆମ୍ଭକୁ ତାଙ୍କୁ ସିପିଏସି ଦବାକୁ ପଡୁଥିଲା ଯାହାକି ଅମ୍ଳଜାନ ପ୍ରଦାନ କରିଥାଏ ଏବଂ ଏହା ଏକ କଷ୍ଟଦାୟକ ମେସିନ୍ ଅଟେ ଏବଂ ତାହା ମଣିଷକୁ ବ୍ୟତିବ୍ୟସ୍ତ କରିଦେଇଥାଏ ଏବଂ ରୋଗୀଙ୍କୁ ଭୀଷଣ କଷ୍ଟ ଦେଇଥାଏ । ତାଙ୍କୁ ଉକ୍ତ ମେସିନ୍ ଲଗାଇବା ଯୋଗୁଁ କଷ୍ଟ ଅନୁଭବ ହୁଏ କିନ୍ତୁ ଯେତେବେଳେ ତାଙ୍କ ଘର ଲୋକେ ଖଲିଫାଙ୍କ ବାର୍ତ୍ତା ଦିଅନ୍ତି କି ଡ଼ାକ୍ତରଙ୍କ ନିର୍ଦ୍ଦେଶ ମୁତାବକ ଅମଳ କରନ୍ତୁ ସେତେବେଳେ ସେ ହଠାତ୍ ଆଶ୍ୱସ୍ତ ହୋଇଯାଉଥିଲେ ଏବଂ ସମସ୍ତ କଷ୍ଟ ସହି ଯାଉଥିଲେ । ଆମ୍ଭକୁ ଏପରି ଅନୁଭବ ହେଉଥିଲା ଯେପରି ତାଙ୍କ ସାହାସ ବେଶ୍ ବଢ଼ିଯାଇଛି ଏବଂ ଶରୀରରେ ଏକ ନୂତନ ଶକ୍ତି ସଂଚାଳନ ହୋଇଛି । ଏପରି ମୁଁ ପରିଲକ୍ଷିତ କଲି ଯେ, ସେ ହୋମିଓପାଥି ଔଷଧ ଏଥିପାଇଁ ସେବନ କରୁନଥିଲେ କି ସେଥିରେ ଉପସମ ମିଳିବ ବରଂ ଏଥିପାଇଁ କି ତାହା ସେବନ କରିବାକୁ ଖଲିଫା ତାଙ୍କୁ କହିଥିଲେ । ତାଙ୍କର ଖିଲାଫତ୍ ସହ ପ୍ରେମ ଓ ବିଶ୍ୱସ୍ତତା ଏଭଳି ଥିଲା କି ଡ଼ାକ୍ତର ସାହେବ୍ କୁହନ୍ତି ତାହା ଦେଖି ମୁଁ ପ୍ରଭାବିତ ନ ହୋଇ ରହିପାରିବି ନାହିଁ ।

ଅଲ୍ଲାହ ତାଲା ଏ ସମସ୍ତ ମୃତକଙ୍କୁ ବୈକୁଣ୍ଠରେ ସ୍ତରବୃଦ୍ଧି କରାନ୍ତୁ ଏବଂ ଯେଉଁ ବିଶ୍ୱସ୍ତତା ସେମାନେ ନିଜ ସୃଷ୍ଟିକର୍ତ୍ତା ଓ ତାଙ୍କ ଧର୍ମ ପାଇଁ ପ୍ରଦର୍ଶନ କରିଛନ୍ତି ତଥା ଯେଭଳି ବୟତର ପଣ ସେମାନେ ସମ୍ପାଦନ କରିବାକୁ ଚେଷ୍ଟା କରିଛନ୍ତି ଅଲ୍ଲାହ ତାଲା ତାଙ୍କ ସହ ତା'ଠାରୁ ବଳି ପ୍ରେମ ଆଚରଣ କରନ୍ତୁ । ହଜରତ୍ ମସିହ୍ ମଉଦ୍ ଆ:ସ ଯେଭଳି କହିଛନ୍ତି ଏମାନେ ଶହୀଦ ଅଟନ୍ତି । ଅଲ୍ଲାହ ତାଲା ସେମାନଙ୍କ ସନ୍ତାନମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ଓ ତାଙ୍କ ପୂର୍ଣ୍ୟକର୍ମକୁ ଆପଣାଇବାକୁ ଓ ଜାରି ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ । ସେମାନେ ଅଲ୍ଲାହ ତାଲାଙ୍କ ସହ ସମ୍ପର୍କ ସୁଦୃଢ଼ କରନ୍ତୁ ଓ ଯମାତ୍ ତଥା ଖିଲାଫତ୍ ସହିତ ସର୍ବଦା ବିଶ୍ୱସ୍ତତାର ସମ୍ପର୍କ ରକ୍ଷା କରନ୍ତୁ ତାଙ୍କ ପିତାମାତା ସେମାନଙ୍କ ପାଇଁ ଯେଉଁ ଦୁଆ କରିଯାଇଛନ୍ତି ସେ ସବୁ ତାଙ୍କ ପକ୍ଷେ ଅଲ୍ଲାହ ତାଲା ସ୍ୱୀକାର କରନ୍ତୁ ।

⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନକୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଟ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❁ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❁ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❁ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❁ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ଦ୍ୱାରା ଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❁ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥିଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ ପେଶ୍ କରିବାକୁ ହେବ । ❁ Interview ରେ ଯୋଗଦେବା ପାଇଁ ପ୍ରାର୍ଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❁ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❁ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❁ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୁର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

## ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❁ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❁ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❁ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❁ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❁ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❁ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❁ ଦରଖାସ୍ତ ଫର୍ମ ନିଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ । ❁ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❁ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*Weekly* **BADAR** *Qadian* ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.5 Thursday 04 June 2020 Issue No. 23**

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ଜୁଲାଇ ୨୦୧୯)

## ୮ ଜୁଲାଇ ୨୦୧୯ (ସୋମବାର)ର ବଲକା ରିପୋର୍ଟ ନୌ ମୁବାଇନ୍‌ମାନଙ୍କ ବିଶ୍ୱାସ ବର୍ଦ୍ଧକ ମନୋଭାବ ବ୍ୟକ୍ତ

ଡ଼ାକ୍ତର ମୁହମ୍ମଦୁଲ୍ ମହ୍‌ମୁଦ୍ ସାହେବ ନିଜ ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ଯେବେ ମୁଁ ଦୁଇବର୍ଷ ପୂର୍ବେ ଜଲ୍‌ସାରେ ଯୋଗ ଦେଇଥିଲି ସେତେବେଳେ ମତେ ଅଲଗା ଅନୁଭବ ହେଉଥିଲା ଓ ମୋ ପାଇଁ ଏହା ବିଲ୍‌କୁଲ୍ ନୂଆ କଥା ଥିଲା ଯେ ଅହେମଦୀମାନେ କହୁଛନ୍ତି ଯେ ମେହେଦୀ ଓ ମସିହ୍ ଆସିସାରିଛନ୍ତି ଓ ଆମକୁ ଏ ବିଷୟରେ ଜ୍ଞାନ ନାହିଁ । ତେଣୁ ମୋ ମନ ଭିତରେ ଅନେକ ପ୍ରଶ୍ନ ଘୁରି ବୁଲୁଥିଲା ଯେ ଆମେ ତ ଏହି ଶିକ୍ଷା ପାଇଛୁ ଯେ ମେହେଦୀ ଆରବୀୟ ହେବେ ଓ ତାଙ୍କ ନାମ ମୁହମ୍ମଦ ବିନ୍ ଅବ୍‌ଦୁଲ୍ଲାଃ ହେବ । ଏ ଯମାତ୍ ଧାର୍ମିକ ଯମାତ୍ ନା ରାଜନୈତିକ ଯମାତ୍ ? ଏହି ଭଳି ଅନେକ ପ୍ରଶ୍ନ ମୋ ମୁଣ୍ଡକୁ ଅସ୍ତବ୍ୟସ୍ତ କରିପକାଇଲା । ଏହି ସମସ୍ତ ପ୍ରଶ୍ନର ଉତର ପାଇବା ପାଇଁ ମୁଁ ତା ପରବର୍ଷ ପୁଣି ଜଲ୍‌ସା ସାଲାନା ରେ ଯୋଗଦେଲି । ଅହେମଦୀ ଭାଇମାନଙ୍କ ସହିତ ବିଭିନ୍ନ ବିଷୟବସ୍ତୁ ଉପରେ ବାର୍ତାଳାପ ହେଲା । ଜଲ୍‌ସା ପରେ ମଧ୍ୟ ଅହେମଦୀ ଭାଇମାନଙ୍କ ସହିତ ମୋର ଯୋଗାଯୋଗ ରହିଲା । ଧିରେ ଧିରେ ମୋ ପ୍ରଶ୍ନର ଉତର ମତେ ମିଳିବାକୁ ଲାଗିଲା ଓ ମତେ ଏ ବିଶ୍ୱାସ ହୋଇଗଲା ଯେ ଅହେମଦୀମାନେ ହିଁ ଜଣେ ବାସ୍ତବିକ ମୁସଲମାନର ସମସ୍ତ ଗୁଣକୁ ନିଜ ଭିତରେ ଧରି ରଖିଛନ୍ତି । ସୁତରାଂ ମୁଁ ଯମାତ୍‌ର ପ୍ରେମ ଓ ସ୍ନେହରେ ପ୍ରଭାବିତ ହୋଇ ବୟତ କରିବାକୁ ମନସ୍ଥ କଲି । ସେ କହୁଛନ୍ତି: ଏହି ଯେଉଁ ପ୍ରେମଭାବ ଯମାତ୍‌ର ଲୋକମାନଙ୍କ ଭିତରେ ମିଳୁଛି, ଯଦି ଅଲ୍ଲାଃ ତାଲା ତାହାର ମଞ୍ଜି ସେମାନଙ୍କ ମନ ଭିତରେ ରୋପଣ କରିନଥାନ୍ତା, କେବେହେଲେ ବି ଏହି ପ୍ରେମ ସୃଷ୍ଟି ହୋଇନଥାନ୍ତା । ଅଲ୍‌ହମ୍‌ଦୁଲିଲ୍ଲାଃ ଅଲ୍ଲାଃ ତାଲା ଏ ଅଧମକୁ ଏହି ଜଲ୍‌ସାରେ ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଅ:ବ:ଅଙ୍କ ହାତରେ ବୟତ କରିବା ପାଇଁ ସୌଭାଗ୍ୟ ପ୍ରଦାନ କଲେ । ବୟତ କରିବା ସମୟରେ ହଜୁରଙ୍କ ଚେହେରା ଦେଖି ଓ ବୟତର ଶବ୍ଦଗୁଡ଼ିକୁ ପୁନରାବୃତି କରିବା ବେଳେ ଯେଉଁ ଅନୁଭୂତି ଥିଲା । ତାହାକୁ ବର୍ଣ୍ଣନା କରିବା ବହୁତ କଷ୍ଟକର । ମୁଁ ବହୁତ ସୌଭାଗ୍ୟଶାଳୀ ଯେ ଅଲ୍ଲାଃ ତାଲା ଖଲିଫାଙ୍କ ହାତରେ ମତେ ବୟତ କରିବାପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି । ମୁଁ ଏହା ଜାଣିଛି ଯେ ଲକ୍ଷ ଲକ୍ଷ ହାତ ଏହି ବାବର୍‌କତ୍ ହାତକୁ ଛୁଇଁବା ପାଇଁ ଅଭିଳାଷି । ସେ ପୁଣି କହୁଛନ୍ତି: ଯଦି ବୟତ ପାଂଚଘଂଟା ମଧ୍ୟ ଜାରି ରହିଥାନ୍ତା ମୁଁ ଥକି ନଥାନ୍ତି ଓ ନା ମତେ ସମୟ ବିତିଯିବାର ଅନୁଭବ ହୋଇଥାନ୍ତା । ଜଲ୍‌ସା ଶେଷ ହେବାପରେ ସାକ୍ଷାତ କରିବା ସମୟରେ ମଉଁ ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କୁ ବହୁତ କିଛି କହିବାକୁ ଚାହୁଁଥିଲି କିନ୍ତୁ ଭିଷଣ ଆବେଗ ଦ୍ୱାରା କିଛି କହିପାରିଲି ନାହିଁ ।

ଆଉ ଜଣେ ସିରିଆ ଦେଶର ବନ୍ଧୁ ଶ୍ରମୀାନ୍ ଫଓ୍ୱାଦୁଲ୍ ନଜାଲ୍ ସାହେବ, ଯିଏ ଜର୍ମାନୀରେ ବସବାସ କରୁଛନ୍ତି, ସେ କହିଲେ: ମୁଁ ଯମାତର ପରିଚୟ ପାଇବା ପୂର୍ବରୁ ଅଲ୍ଲାଃ ତାଲାଙ୍କ ମହିମା ସମ୍ବନ୍ଧରେ ଚିନ୍ତା କରୁଥିଲି ଓ ମୁସଲମାନ ମାନଙ୍କ ଅବସ୍ଥା ଉପରେ ଦୃଷ୍ଟି ନିକ୍ଷେପ କରୁଥିଲି ଯେ ଦିନକୁ ଦିନ ତାହା ଖରାପ ହୋଇ ଚାଲିଛି । ସେମାନଙ୍କର ଅବସ୍ଥା କେବେ ସୁଧୁରିବ ? ପୁଣି ମୁଁ ଯେବେ ଜର୍ମାନୀ ଗଲି, ସେତେବେଳେ ୟୁରୋପରେ ଥିବା ଆରବୀୟ ଲୋକମାନଙ୍କୁ ଦେଖି ଚିନ୍ତା କରୁଥିଲି ଯେ କଣ ଏମାନଙ୍କ ଜରିଆରେ ୟୁରୋପରେ ଇସ୍‌ଲାମ୍ ପ୍ରସାର ହେବ । ଯେମିତି କି ହଦିସ୍‌ରେ ଆସିଛି ଯେ ଶେଷ ଯୁଗରେ ୟୁରୋପରେ ଇସ୍‌ଲାମ୍‌ର ପ୍ରସାର ଘଟିବ । ଏହି ଅବଧି ମଧ୍ୟରେ ଜଣେ ଅହେମଦୀ ବନ୍ଧୁ ଶ୍ରୀମାନ୍ ମାହିରୁଲ୍ ମୁଆନି ସାହେବଙ୍କ ସହିତ ମୋର ସାକ୍ଷାତ ହେଲା । ସେ ମତେ ଯମାତ୍ ସମ୍ବନ୍ଧରେ ଜଣାଇଲେ ଓ ବତାଇବା ଆରମ୍ଭ କଲେ । ପ୍ରାରମ୍ଭରେ ତ ମୁଁ ତାଙ୍କୁ ବିରୋଧ କଲି କିନ୍ତୁ ଯମାତର ପୁସ୍ତକଗୁଡ଼ିକୁ ଅଧ୍ୟୟନ କରିବାପରେ ମୁଁ ଜଲ୍‌ସାରେ ଯୋଗ ଦେବାପାଇଁ ମନସ୍ଥ କଲି । ମୁଁ ଜଲ୍‌ସା ଦେଖିଲି ଓ ଚିନ୍ତା କଲି ଯେ ଏତେ ସଂଖ୍ୟକ ଲୋକେ କିପରି ଜଣେ ଲୋକର ହାତରେ ଏକାଠି ହୋଇଗଲେ ଓ ଆପୋଷରେ ପ୍ରେମ ଓ ସ୍ନେହର ସମ୍ବନ୍ଧ ସେମାନଙ୍କ ମଧ୍ୟରେ ପ୍ରତିଷ୍ଠା ହୋଇଗଲା । ମୁଁ ତହଜ୍ଜୁଦ୍ ନମାଜରେ ବହୁତ ଦୁଆ କଲି ଯେ ହେ ଅଲ୍ଲାଃ ଯଦି ଏ ଯମାତ୍ ସତ୍ୟ ଅଟେ ତେବେ ମତେ ଏହି ଜଲ୍‌ସାରେ ବୟତ କରିବା ପାଇଁ ସୌଭାଗ୍ୟ ପ୍ରଦାନ କର । ଅତଏବ୍ ଏହି ଜଲ୍‌ସାରେ ମୋ ମନ ସନ୍ତୁଷ୍ଟ ହୋଇଗଲା ଓ ମୁଁ ବୟତ କରିନେଲି । କିନ୍ତୁ ମୋ ସ୍ତ୍ରୀ ବୟତ କରିବାକୁ ଅସ୍ୱୀକାର କରିଦେଲେ । ମୁଁ ତାଙ୍କୁ ବୁଝାଇଲି ଯେ ତୁମେ ଏହି ପୁସ୍ତକକୁ ପାଠ କର ଓ ଖୁଦାଙ୍କଠାରୁ ଇସ୍ତେଖାରା କର । ତିନି ମାସ ପରେ ମୋ ସ୍ତ୍ରୀ ଇସ୍ତେଖାରା କଲେ । ସେ ସ୍ୱପ୍ନରେ ଦେଖିଲେ ଯେ ଲୋକମାନେ ଯମା ହୋଇଛନ୍ତି ଓ ଗୋଟିଏ ଧଳା ପାରା ସେମାନଙ୍କ ମଧ୍ୟଭାଗରେ ଉପସ୍ଥିତ ଅଛି । ମୋ ସ୍ତ୍ରୀ ପଚାରିଲେ ଯେ ଏହି ପାରା କଣ ପାଇଁ ? ଏଥିରେ ସେମାନଙ୍କ ମଧ୍ୟରୁ ଜଣେ କହିଲେ ଯେ ଏହି ପାରାଟି ଇସ୍‌ଲାମ୍‌କୁ ପ୍ରସାର କରିବାପାଇଁ କୁଦୁସ୍ ଇଲାକାକୁ ଆସିଛି । ଏହି ସ୍ୱପ୍ନଟି ମୋ ସ୍ତ୍ରୀର ହୃଦୟକୁ ଖୋଲିଦେଲା । ଫଳତଃ ସେ ଏହି ଜଲ୍‌ସାରେ ସାମିଲ ହେଲେ ଓ ବୟତ ମଧ୍ୟ କରିଲେ ।

ସେ ମହାଶୟ ପୁଣି କହିଲେ ଯେ: ମୁଁ ଏଥିରେ ବହୁତ ଖୁସି ଯେ ଅଲ୍ଲାଃ ତାଲା ମୋର ସମ୍ପୁର୍ଣ୍ଣ ପରିବାରକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ କରିବାର ସୌଭାଗ୍ୟ ପ୍ରଦାନ କଲେ । ମୁଁ ମୋର ସମସ୍ତ ବନ୍ଧୁବାନ୍ଧବ ମାନଙ୍କ ନିକଟରେ ଯମାତ୍‌ର ସୁନ୍ଦର ଶିକ୍ଷାକୁ ପହଂଚାଇବାକୁ ଚାହୁଁଛି । ଅଲ୍ଲାଃ ତାଲା ମତେ ଏହା କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ଜଣେ ଲେବ୍‌ନାନୀ ବନ୍ଧୁ ଶ୍ରୀମାନ୍ କମାଲ୍ ଅଲ୍‌ଓ୍ୱାନ୍ ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୋର ଗୋଟିଏ ରେଷ୍ଟୁରାଂଟ ଥିଲା । ସେଠାକୁ ଜଣେ ଅହେମଦୀ ବନ୍ଧୁ ଶ୍ରୀମାନ୍ ମୁହମ୍ମଦ ଶହାଦାଃ ସାହେବ୍ ଆସନ୍ତି । ସେ ଦିନେ ମତେ କହିଲେ ଯେ ମୁଁ ଆପଣଙ୍କୁ ଗୋଟିଏ କଥା ବତାଇବାକୁ ଚାହୁଁଛି ଯେ ଇମାମ୍ ମେହେଦୀ ଆବିର୍ଭାବ ହୋଇସାରିଲେଣି ଓ ତାଙ୍କର ଦେହାନ୍ତ ମଦ୍ୟ ହୋଇସାରିଲାଣି । ତାଙ୍କ ଯିବାପରେ ମୁଁ ଭାବିଲି ଯେ ସେହି ବ୍ୟକ୍ତି କିଏ ଥିଲେ ? ପୁଣି କିଛି ଦିନ ପରେ ସେହି ଅହେମଦୀ ଜଣଙ୍କ ଆସି କହିଲେ ଯେ ଇମାମ୍ ମେହେଦୀ ଆସି ସାରିଛନ୍ତି । ଦିନେ ସେ ଦଜ୍ଜାଲ୍ ଓ ୱଫାତେ ମସିହ୍ (ଇସା ମସିହ୍‌ଙ୍କ ଦେହାନ୍ତ) ସମ୍ବନ୍ଧରେ କିଛି ସ୍ୱଷ୍ଟି କରଣ ପ୍ରଦାନ କଲେ । ମୋ ପାଇଁ ଏହା ଆଶ୍ଚର୍ଯ୍ୟଜନକ କଥା ଥିଲା । ଏକଥା ମତେ ଯମାତ ବିଷୟରେ ଜାଣିବାପାଇଁ ଉତ୍ସାହିତ କଲା ଯେ ମୁଁ ଯମାତ୍ ବିଷୟରେ ଆହୁରି କିଛି ଜାଣିବି । ପୁଣି ସେହି ବ୍ୟକ୍ତି ଜଣକ ମତେ ଜଲ୍‌ସାରେ ଯୋଗଦେବା ପାଇଁ ନିମନ୍ତ୍ରଣ କଲେ ଯାହାକୁ ମୁଁ ସାଦରେ ଗ୍ରହଣ କଲି ।

ସେ କହୁଛନ୍ତି: ଜଲ୍‌ସାରେ ସର୍ବପ୍ରଥମେ ଯମାତ୍‌ର ସତ୍ୟତା ର ଦଲିଲ୍ ମୋ ପାଇଁ ଏତେ ସଂଖ୍ୟକ ଲୋକ ଓ ଏହାର ସୁବନ୍ଦୋବସ୍ତ / ବ୍ୟବସ୍ଥା ଥିଲା । ଜଲ୍‌ସା ଚାଲିଥିବା ସମୟରେ ଜଣେ ବନ୍ଧୁ ମତେ ବତାଇଲେ ଯେ ଇଏ ହେଉଛନ୍ତି ଖଲିଫତୁଲ୍ ମସ୍ନୁଲେମିନ୍ । ପୁଣି ମୁଁ ଅହେମଦୀମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଲି, ସେମାନେ ତାହାର ଉତର ବହୁତ ସୁନ୍ଦର ଭାବେ ଦେଲେ । ମୋ ମନ ଅହେମଦୀୟତ୍‌ର ସତ୍ୟତାରେ ସନ୍ତୋଷ ହୋଇଯାଉଥିଲା ମୁଁ ଭାବିଲି ଯେ ଆସନ୍ତା ବର୍ଷ ପର୍ଯ୍ୟନ୍ତ ଜୀବିତ ରହିବି କି ନାହିଁ ତେଣୁ ବର୍ତମାନ ବୟତ କରିନେବା ଉଚିତ । ସତୁରାଂ ମୁଁ ବୟତ କରିନେଲି । ଏହିପରି ମୋର ଦୁଇଟି ସ୍ୱପ୍ନ ମଧ୍ୟ ଯମାତ୍‌ର ସତ୍ୟତାର କାରଣ ହେଲା । ଅଲ୍ଲାଃଙ୍କ କୃପାରୁ ମୋର ଗୋଟିଏ ପୁଅ ମଧ୍ୟ ବୟତ କରିଲେ । ମୁଁ ଏହା ଚାହୁଁଛି ଯେ ମୋର ବାକି ସନ୍ତାନମାନେ ମଧ୍ୟ ବୟତ କରି ଅହେମଦୀ ହୋଇଯାଆନ୍ତୁ । ମୁଁ ଅଲ୍‌ହଓ୍ୱାରୁଲ୍ ମୁବାଶିର୍ ଏବଂ ଖୁତ୍‌ବା ଯମ୍ମା ଗୁଡ଼ିକୁ ମନଧ୍ୟାନ ଦେଇ ଶୁଣୁଛି । ମୋ ମତରେ ବୟତର ଦଶଟି ସର୍ତାବଳୀ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ତରଫରୁ କେବଳ କେତୋଟି ସର୍ତାବଳୀ ନୁହେଁ ବରଂ ଏହା ଐଶ୍ୱରୀକ କାର୍ଯ୍ୟସାରଣୀ । ବୟତ କରିବା ପୂର୍ବରୁ ମୁଁ ଦୁଆ କରୁଥିଲି ଯେ ଖୁଦାତାଲା ମତେ ଇମାମ୍ ମେହେଦୀଙ୍କୁ ଦେଖିବାର ସୌଭାଗ୍ୟ ଦିଅନ୍ତୁ । ମାଁ ଯମାତ୍ ବିନା ବିଗତ ଦିନଗୁଡ଼ିକ ଅତିବାହିତ କରିଥିବା ଯୋଗୁଁ ମୁଁ ପଶ୍ଚାତାପ କରୁଛି । ମୁଁ ଏଥିଯୋଗୁଁ ପ୍ରତ୍ୟେକ ଅହେମଦୀଙ୍‌କୁ ମନ ଭିତରୁ ସମ୍ମାନ ଜଣାଉଛି କାରଣଏହି ଲୋକମାନେ ଦୀନେ ମୁସ୍ତଫା ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସଙ୍କ ଧର୍ମର ସେବା କରୁଛନ୍ତି । ମତେ ଏବେ ନିଜ ସ୍ତ୍ରୀ ପିଲା ଓ ନିଜ କାମ ବିଷ୍ରରେ ଚିନ୍ତା ନାହିଁ ବରଂ ଏ ଚିନ୍ତା ଲାଗିଛି ଯେ ମୋ ନିକଟରେ ଏତେ ଅର୍ଥ ହେଉ କି ମୁଁ ଯମାତ୍‌ର ସେବା କରିପାରିବି । ଅଲ୍ଲାଃ ତାଲା ମୋର ଏହି ଇଚ୍ଛାକୁ ପୂରଣ କରନ୍ତୁ । ଆମିନ୍ ।

*କ୍ରମଶଃ..........*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**